# ଭକ୍ତିଗାଥା

# ମୁଖବନ୍ଧ

ମୁଁ ସତ୍ୟବାଦୀ ସ୍କୁଲ ଆରଂଭ କରିବାର ଅଳ୍ପ ଦିନ ପରେ ସଂଭବତଃ ୧୯୧୨ କିଂବା ୧୯୧୩ ଖ୍ରୀଷ୍ଟାବ୍ଦ ସ୍କୁଲର ଶ୍ରୀପଂଚମୀ ଉତ୍ସବରେ ଛାତ୍ରମାନଂକର ଆବୃତ୍ତି ନିମଂତେ ଦରକାର ହେବାରୁ "ଭକ୍ତର ଉଦ୍‌ବୋଧନ" ବୋଲି ଗୋଟିଏ କବିତା ଲେଖିଥିଲି । ତାହା କିଛି ଦିନ ପରେ "ଉତ୍କଳସାହିତ୍ୟ" ମାସିକ ପତ୍ରରେ ପ୍ରକାଶିତ ହୋଇଥିଲା ।

ତାହାପରେ ଭିନ୍ନ ଭିନ୍ନ ସମୟରେ "ବିଶ୍ୱବାଣୀ", "ଆତ୍ମବାଣୀ" ଓ "କାହିଁ ଅଛ" ଶୀର୍ଷକ କବିତାମାନ 'ସତ୍ୟବାଦୀ' ମାସିକ ପତ୍ରରେ ପ୍ରକାଶ ପାଇଥିଲା । ଏହି ପୁସ୍ତକରେ ବାହାର ଥିବା ସଂଗୀତ ଦିଓଟି ମଧ୍ୟ ବିଭିନ୍ନ ଘଟଣା ଉପଲକ୍ଷରେ ରଚିତ ହୋଇଥିଲା । ସେ ଦିଓଟି ମଧ୍ୟ 'ସତ୍ୟବାଦୀ' ତଥା 'ପ୍ରଦୀପ' ମାସିକ ପତ୍ରରେ ପ୍ରକାଶ ପାଇଥିଲା ।

ଏସବୁ ଏକତ୍ର ପୁସ୍ତକାକାରରେ ଛପାଇବାକୁ କେତେ କେତେ ବଂଧୁ ମୋତେ ଅନୁରୋଧ କରିବାରେ ମୁଁ ଦେଖିଲି, 'ଗୀତା'ରେ "ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ" ବୋଲି ଯେଉଁ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରି ପ୍ରକାର ଭକ୍ତଂକର ବିଭାଗ ଅଛି, ସେହି ଅନୁକ୍ରମେ ଚାରି ପ୍ରକାର ଭକ୍ତର ବାଣୀ ଦେଇ ଏ ପୁସ୍ତକଟି ପୂର୍ଣ୍ଣ କରି ଯାଇପାରେ । ସେଥିପାଇଁ ପରେ ୧୯୧୮ କିଂବା ୧୯୧୯ ଖ୍ରୀଷ୍ଟାବ୍ଦରେ 'ଭକ୍ତବାଣୀ' କବିତାଟି ଲେଖିଥିଲି । ତାହା କାହିଁରେ ପ୍ରକାଶିତ ହୋଇ ନ ଥିଲା । ଏବେ ଏହି ପୁସ୍ତକରେ "ଭକ୍ତର ଉଦ୍‌ବୋଧନ" କୁ ଅର୍ଥାର୍ଥୀର ବାଣୀ ବା 'ଭକ୍ତବାଣୀ', "କାହିଁ ଅଛ"କୁ ଜିଜ୍ଞାସୁର ବାଣୀ ବା 'ପ୍ରଶ୍ନବାଣୀ' ନାମ ଦେଇ ପ୍ରକାଶ କରାଗଲା ।

ସତ୍ୟବାଦୀ ସ୍କୁଲର ଦୈନିକ ଉପାସନା ପାଇଁ କେତେକ ବୈଦିକ ଓ ଶାସ୍ତ୍ରୀୟ ମଂତ୍ର ସ୍ତୋତ୍ରମାନ ସଂଗ୍ରହ କରି ଅନୁବାଦ କରିଥିଲି । ସ୍ୱର୍ଗୀୟ ପଂଡିତ ଗୋପବଂଧୁ ଦାସ ତାହା ଆମୂଳଚୂଳ ଦେଖି ମନୋନୀତ କରିଥିଲେ । ତାହା ପ୍ରଥମେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇ ପରେ 'ଉପାସନା' ନାମକ ଗୋଟିଏ କ୍ଷୁଦ୍ର ପୁସ୍ତିକାରୂପେ ବାହାର କରା ଯାଇଥିଲା । ଏବେ ଅନେକେ ତାହାର ପୁନଃ ପ୍ରକାଶ ଲୋଡ଼ିବାରୁ ଏହି ପୁସ୍ତକର ଶେଷରେ ତାହା ଦିଆ ଯାଇ ସମସ୍ତ ପୁସ୍ତକଟିର ନାମ "ଭକ୍ତଗାଥା" ରଖା ଯାଇଛି ।

ଯେଉଁ ବଂଧୁମାନେ ମୋତେ ଏ ପୁସ୍ତକ ପ୍ରକାଶ କରିବା ପାଇଁ ଉତ୍ସାହ ଦେଇଛଂତି, ସେମାନଂକଠାରେ ମୁଁ କୃତଜ୍ଞ । ଦେଶରେ ପୁସ୍ତକଟିର ଆଦର ହେଲେ ଶ୍ରମ ସାର୍ଥକ ମନେ କରିବି । ଇତି ।

**ନୀଳକଂଠ ଦାସ**

# ଭକ୍ତିଗାଥା

## ଗ୍ରାସେ ବିଶ୍ୱ ତବ ସେ ଅମୃତ ରସେ

କି ମହା ଇଂଗିତେ, ପ୍ରଭୁ, ଅମୃତର କି ଆବେଶେ
ଲଭି କିବା ନିମନ୍ତ୍ରଣ ଏ ଚିଂତେ ପରାଣ ହସେ ?
ଅଦ୍ଭୁତେ ଗୁନ୍ଥି ଶୂନ୍ୟେ,
ଭୁଲି କି ଅବା ସ୍ମରଣେ,
ମରଣ-ମଂଦିରେ କିପାଁ ଜୀବନ ହେ ପରକାଶେ ?
ଅନନ୍ତର ମହାଲୀଳା
ଏ ଚିଂତେ କରଇ ଖେଳା,
ଉଠଇ ପରାଣ ନାଚି ପୁଲକର କି ବିଶ୍ୱାସେ ?
ରଜନୀ ବାସର ଯାଏ,
ସ୍ୱପନ ଜାଗରେ ଗୁହେଁ,
କିବା ଏ ପରାଣେ ସେହୁ ନିସ୍ପୃତିର କି ନିଦେଶେ ?
କାହିଁ ସେ ନିସ୍ପୃତ ପିତା ?
କିପାଇଁ ଏତେ ମମତା ?
ମୁକତିର ମହା ପଥ ମହାନିଦ୍ରା ସତେ କି ସେ ?
କି ନିମିତ୍ତ ସୃଜି ତେବେ,
କି ଇଂଗିତ ଦିଅ ଭବେ ?
ଜାଣି ତୁମ୍ଭେ ଗ୍ରସେ ବିଶ୍ୱ ତବ ସେ ଅମୃତ ରସେ ।

---

## ଆର୍ତ୍ତ-ବାଣୀ

ସତ୍ୟ ଶିବ ସୁଂଦର ହେ ଭୁବନ-ଈଶ୍ୱର
କେଉଁ ଦେଶେ କାହିଁ ତବ ପୁଣ୍ୟ ଅଧିଷ୍ଠାନ ?
ଦିବସ ରଜନୀ ଭବେ ଉଠେ ହାହାକାର,
କାହିଁପାଇଁ; କେମଂତେ ହେ, କହିବ କେସନ ?
ଭବପୁରେ ଶୂନ୍ୟେ ଗୁହିଁ,
କାହିଁ କିଛି ନ ଦେଖଇ;
ଆଶାରେ ଆଶାରେ ଭଜେ ନିରାଶା ପରାଣ ! । ୧ ।

ସତ୍ୟର ପିପାସା ଉଠେ ପରାଣେ ଉଚ୍ଛୁଳି
ଘୋର ଅପଳାପେ କ୍ଷଣେ ସେହୁ ପ୍ରତିହତ;
କାମନାର ମହାପୁର ଉଠେ ପ୍ରାଣେ ପୂରି,
ଫଳେ ସତ୍ୟ ଲୋଡ଼ି ପୁଣି ହୁଏ ପରାହତ;
ଯାହା ଲୋଡ଼ି ଧାଏଁ ଜନ,
ପଲକେ ତା ହୁଏ ଆନ,
ବ୍ୟକ୍ତିର ବିକାଶେ କାହିଁ ସେ ସତ୍ୟର ପଥ ? । ୨ ।

ଉଦ୍ଭାସିତ ବିଶ୍ୱପୁରେ ମଂଗଳ-ବିଭୂତି,
ଦୁଃଖ ପାପେ କାତର ଏ ମର୍ତ୍ତ୍ୟ-ଶିଶୁ ନର,
ସେ ମଂଗଳେ ଏ ପାପର କି ଅବା ନିସ୍ପୃତି ?
ନିସର୍ଗ ବିଧାନେ କିବା ଅର୍ଚ୍ଚନାର ଫଳ ?

ଦ୍ୱେଷ ଦ୍ୱେଷ ଅହଂକାର;
ଖେଳୁଅଛି ଅନିବାର;
ବୁଝେ ନାହିଁ ଅଂଧ ମୂର୍ଖ, ପୀରତି-ପ୍ରସାର । ୩ ।

ବିଶ୍ୱନାଥ-ନିଯ଼ମିତ କରୁଣା-ବିଧାନେ,
ବିକଟ ଜିଘାଂସା କାହୁଁ ଖେଳଇ ଜଗତେ ?
ଜିଘାଂସାର ଏ ତାଂଡବେ ନାଶ ଏ ଦର୍ଶଣେ !
କରୁଣାର ପଂଥା କାହିଁ ନ ଦିଶଇ ମୋତେ,
ଘୋର ବିକରାଳ ଏହି,
ମରଲ୍ଲୀଳା ଅବଗାହି,
ନ୍ୟାଯ଼ ବୋଲି କେସନେ ହେ ବୁଝିବି ଚକତେ ? । ୪ ।

ମୃତ୍ୟୁ ନାଚୁଅଛି ଆପେ କରମେ ଭରମେ;
ଜୀବଂତ, ଜଗତ କି ସେ ମରଣ-ବିଧାନେ !
ଯହିଁ ଉଠେ ତହିଁ ଲଯ଼ ଜଳେ ସ୍ଥଳେ ବ୍ୟୋମେ,
ସ୍ଥିତି ମାଳା ସର୍ଗତଂତ୍ରେ ବିକାଶେ ମରଣେ;
ଦୁଃଖ ପାପ କ୍ଷଯ଼ ଧ୍ୱଂସ,
ଜଗତେ ପ୍ରକୃତେ ଯଶ;
କି ଫଳ ହେ ଅମୃତର ଆତ୍ମ-ଉଦ୍‌ବୋଧନେ ? । ୫ ।

ବାରଂବାର ଘୋଟି ଉଠେ ଅଂଧାର ପଟଳେ,
ଆତ୍ମାର ପାବନ ଧାମ ଯାଏ ଅପସରି;
ଦୁଃଖ ପାପ କ୍ଷଯ଼ ଫେଡ଼ି, ସେ ପୁଣ୍ୟ କିରଣେ
କେସନେ ଦେଖିବି ପଥ କିବା ଧୃତି ଧରି ?
ଏ ପାପେ ମୁକତି ସତେ
ଅଛଇ ତ ଏ ଜଗତେ !
ପାରଇ ତ ମର୍ତ୍ତ୍ୟ ତବ ମଂଗଳ ସୁମରି ! । ୬ ।

ଜ୍ୟୋତିର୍ମଯ଼ ବିଶ୍ୱପିତା, ଡାକଇ ଆପଦେ,
ଫେଡ଼ିଦିଅ ଆତ୍ମାର ଏ ଆବରଣ ମୋରେ;
କାଟିରୁ ତପନ ଯାଏ ପୂର୍ଣ୍ଣ ତବ ପଦେ,
ଆତ୍ମାର ଏ କଳୁଷ ହେ କେଉଁ ପାପ-ଫଳେ ?
ନିଯ଼ତିର କି ବିପାକେ,
ସେ ପାପର ପରିପାକେ,
କେସନେ ଦେଖିବି ପଥ କିବା ତପ-ଫଳେ ? । ୭ ।

ଧର୍ମଶାସ୍ତ୍ର-ପଥ ଧରି, ତୀର୍ଥ ଦରଶନେ
ଲଭିବି କି ସତ୍ୟର ସେ ଅମୃତ-ସରଣୀ ?
ଜୀବେ ଜୀବେ ନରେ ନରେ ଭେଦ ପ୍ରଖ୍ୟାପନେ,
ଦେଖିବି କି ପିରତିର କଲ୍ୟାଣ-କରଣୀ ?
କେସନେ ବା ଏ ଜୀବନେ
ଭୁଟାଇ କିବା ବନ୍ଧନେ,
ଖୋଜଣେଲ ଶୁଣିବି ସେହି ନିତ୍ୟ ଆଶା-ବାଣୀ ? । ୮ ।

ବିଶାଳ ମନ୍ଦିରେ କାହିଁ ମହା-ଧର୍ମ-ଲୀଳା,
ଧାର୍ମିକ ବସଇ ସ୍ଥିର କାଷାଯ଼-ବସନେ,
ଧୂପେ, ଘଣ୍ଟା ନାଦେ, କେତେ ପୁରାଣ ଶୃଙ୍ଖଳା
ବିକାଶଇ ପଦେ ପଦେ ଗୁରୁ ଦେବାର୍ଚ୍ଚନେ,
ଅର୍ଚ୍ଚନାର ସେ ଚନ୍ଦଳେ
ପଶିବି କି ସେ ମନ୍ଦିରେ,
ଲୋଡ଼ିବାରେ ତବ ସେତୁ ମଙ୍ଗଳ ନିଦାନେ ? । ୯ ।

ଗୁରୁଶିଳାରାଶି ତଳେ ତାମସ ଭବନେ
ତବ ପୁଣ୍ୟ ଅଧିଷ୍ଠାନ କେସନେ ସଂଭବେ ?
ଆଲୋକ-ମଣ୍ଡିତ ଧରା ସାଗର ଗଗନେ
ତୁମେ ପରା ବିରାଜ ହେ ମଙ୍ଗଳ ବିଭବେ !
ସାରା ବିଶ୍ୱ ସିଂହାସନେ
ବିଦ୍ୟୋତର ସନମାନେ
ଖୋଜ କି ପାରିବି ତବ ଅମୃତ ଗୌରବେ ? । ୧୦ ।

ଧାର୍ମିକର ନିମଂତ୍ରଣେ ଉଠେ ମଂତ୍ର ଧ୍ୱନି
ସଂକୋଚେ ପରାଣ ମମ, ସୁମରି ସେ ଗୀତି,
ନ କରେ ଯେ ପୂଜା, ପର୍ବ, ଅନୁଷ୍ଠାନ ମାନି,
କେମନ୍ତେ ବୁଝିବି ତାର ନରକେ ନିଯ଼ତି ?
ମହାକାଳ ପର୍ବ ଦିନେ
ପ୍ରକୃତିର ଅନୁଷ୍ଠାନେ
ନ ଖୋଜି, କେସନେ ତହିଁ ଦେଖିବି ମୁଁ ସଂମତି ? । ୧୧ ।

ତାର୍କିକ ଦର୍ଶନମତେ ଯୁକ୍ତିର ପ୍ରମାଣେ
ନିଂଦଇ ଜଗତ ସାରା, ତୀବ୍ର ମତ ଧରି;
ସତେ କି ସେ ଧର୍ମ ଯେହୁ ନ ଲୋଡ଼େ ପରାଣେ,
ଭ୍ରମେ ଏ ଜଗତୁ ସେହୁ ଯାଏ ଅପସରି !
ପରାଣେ ପରାଣେ ପରି
ବିଶ୍ୱାସେ ହସଇ ଧରା !
କାହିଁ ଯିବ କେସନେ ସେ ବିଶ୍ୱାସ ଆଦର ? । ୧୨ ।

କେତେ ତ ବିଳାସେ ପୁଣି ସ୍ୱରଗ ବଖାଣି,
ସ୍ରକ୍ ଚନ୍ଦନ ନାରୀ ଲୋଭ ଦେଖାନ୍ତି ମାନବେ;
କି କହନ୍ତି ସେହୁ ନିଜେ ନ ପାରି କି ଜାଣି,
ଆପେ ଚକ୍ଷୁହୀନ, ଅଂଧେ ଚଳାଂତି ଏ ଭବେ ?
ଅତଂଦ୍ରିତ ଶ୍ରମ ବହି
ସେ ସ୍ୱରଗ ପଥ ଚାହିଁ,
ଲଭିବ କି ସତେ ତବ ପୁଣ୍ୟ ପଦ ଲବେ ? । ୧୩ ।

ଆତ୍ମ-ସୁଖେ ମଜ୍ଜି କେତେ କରନ୍ତି ଗରବ
ଧର୍ମ ନାମେ କାମନାର ଭୋଗ ପ୍ରସ୍ଫୁରଣେ;
ବାସନାର ଏ ବିଶ୍ୱାସେ ସତେ କି ସମ୍ଭବ
ପୁଣ୍ୟ ଦରଶନ ତବ ଅନନ୍ତ ବିମାନେ ?
କାହାରେ ଚାହିଁବି ଭବେ ?
ନ ସହେ ମୋ ଧୃତି ଲବେ;
ବିଶ୍ୱମୁଖେ ବିଶ୍ୱଦେବ ବିରାଜ ପରାଣେ । ୧୪ ।

ଗଉର, ଶଙ୍କର, ବୁଦ୍ଧ ଲୋଡ଼ା ନାହିଁ ମୋର;
ନାହିଁ ଲୋଡ଼ା ପୁରାଣର ପ୍ରଥିତ ବଚନ;
ପାତଞ୍ଜଳ ମନ୍ତ୍ରତଂତ୍ର, ଚାର୍ବାକ ଚହଳ,
ସମାଜର ବିଧିବଦ୍ଧ ଧର୍ମ ଅନୁଷ୍ଠାନ;
ତୁମ୍ଭରି ଜଗତ ଭାସେ
ପ୍ରକୃତିର ଚାରୁ ହାସେ;
କେମନ୍ତେ ଦେଖିବି, କହ ସେ ହାସ୍ୟ ନିଦାନ ? । ୧୫ ।

ତୁଂଭରି ନିୟତି ଚଳେ ବିଶ୍ୱ ପରଂପରା;
ଅନଂତ ଜୀବନ ବହେ ଅମୃତ-ଝରଣେ;
ଦେଖି କି ପାରିବି ମୁହିଁ, ପ୍ରାଣ ଦୁଃଖେ ଭରା,
ନିରାଶ ଦୁର୍ବଳ ମନ ଏ ହୀନ ସନ୍ଧାନେ ?
ସେ କରୁଣା ସୁଧା ବିନ୍ଦୁ
ଦେବ ଏ ପରାଣ ଧୋଇ,
ଲଭିବ କି ବଳ ତେବେ ଦେବ-ଆରାଧନେ ? । ୧୬ ।

ଅପଥ ସେ ବ୍ୟୋମ-ଦେଶେ ଅନନ୍ତ ବିତାନେ
ଚଳଇ ତାରକା ତବ ଇଂଗିତ ଆଦରି;
ଅନନ୍ତ ସଂଗରମୟ ପ୍ରକୃତି ପ୍ରାଂଗଣେ
ତୁଂଭରି ଶାସନେ ଖେଳେ କବିତ୍ୱ ମାଧୁରୀ;
ମୃତ୍ୟୁରେ ଅମୃତ ଭାସେ,
ଜନମ ହସଇ ଧ୍ୱଂସେ
ତୁଂଭରି ସେ ଅମୃତର ମହିମା ସୁମରି । ୧୭ ।

ନିସର୍ଗ କରମ ତବ, ତୁଂଭରି ଏ ନର,
ଏ ଚିତ୍ତ ଏ ପରାଣର ତୁଂଭେ ହେ ବିଧାତା;
ତୁଂଭେ ହେ ଶରଣ ମମ ସ୍ଥିତ ବିଶ୍ୱାସର,
ତୁଂଭେ ପିତା, ତୁଂଭେ ମାତା, ତୁଂଭେ ହେ ନିୟଂତା
ନାହିଁ ଆଉ କେହି ମୋର
ଏ ଗଂତବ୍ୟ ସହଚର
ତୁଂଭ ବିନା ଏ ଜଗତେ ହେ ସର୍ଗ-ସବିତା । ୧୮ ।

ଜୀବନ ମରଣ ମମ, ସବୁ ସେ ତୁଂଭରି,
ବିଳାସ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ;
ନିରାଶ ଅଂତରେ ଯାଏଁ ତବ ଆଶା ଧରି,
ଦୁର୍ବଳ ମୁଁ ତବ ବଳେ ମହା ବଳୀୟାନ;
ହୃଦି ତବ ସେ ବିଭୂତି,
ଦେବାର୍ଚ୍ଚନ କରେ ନିତି,
ନ ଗଣି ସେ ଅର୍ଚ୍ଚନାରେ ଫଳର ଭିଆଣି । ୧୯ ।

ଜୀବନେ ଅଛଇ ଯେବେ, ଜଣାଉଛୁ ନିତି;
କି ହେବ ମରଣେ ତୁଂଭେ ଜାଣ ଦୟାନିଧି;
ମରଣର ପର ପାରେ କିବା ସେ ନିୟତି ?
କି ଅବା ସେ ଅପରସ୍ୱେ ଅମୃତର ବିଧି ?
ବିଶ୍ୱାସର ମହାପୁରେ
ମରଣେ ଅମୃତ ଝରେ,
ପାପର ସାଧନେ ଫୁଟେ ମଂଗଳର ସିଦ୍ଧି । ୧୦ ।

---

## ପ୍ରଶ୍ନ-ବାଣୀ

କାହିଁ ଅଛ, କାହିଁ ଅଛ, କେଉଁ ଶୂନ୍ୟଦେଶେ ?
ମହାସ୍ମିତ ଅନ୍ତରାଳେ, କି ଶୂନ୍ୟ ଅବକାଶେ !
ଖୋଜିଲି କାନ୍ତାରେ ବନେ
ସାଗରେ ଗଗନେ ଘନେ
ଜୀବନେ ମରଣେ ଧ୍ୱାଂତେ ଜ୍ୟୋତିଷ୍କ-ବିଭାସେ
ପ୍ରକୃତିର ସ୍ମିତ-ଖେଳେ କାଳ-ଅବକାଶେ । ୧ ।

ନୀରବେ ଜ୍ୟୋତିଷ୍କ ଚଳେ ଗଗନ-ମଂଡଳେ,
ନୀରବେ ପରାଣ-ଜ୍ୟୋତି ଫୁଟେ ବିଶ୍ୱପୁରେ;
ନୀରବ ତରଂଗେ ଖେଳି,
କାଳସ୍ରୋତ ଯାଏ ଚଳି;
ନୀରବେ ହସଇ ବିଶ୍ୱ କଲା କି ମଧୁରେ ?
କାହିଁ ରହି ବିକାଶ ହେ କି ରହସ୍ୟ-ପୁରେ । ୨ ।

ଉଠଇ ଗଗନେ ହସି ବସଂତ-ସବିତା,
ଫୁଟେ କମଳିନୀ ସରେ ପାଇ କି ବାରତା;
ପ୍ରଦୋଷେ ବୁଡ଼ଇ ରବି
ପ୍ରଭାତେ କନକ ଛବି
ଧରି, ବାହାରଇ ପୁଣି ବହି କି ମମତା;
ସଂକେତେ ବାଜଇ ଭବେ କି ମହା କବିତା ! । ୩ ।

ନିସ୍ତବ୍ଧ ନିଶୀଥେ ସିଂଧୁ ଉଠୁଅଛି ଫୁଲି,
କି ମହା ସଂକେତେ ବଧୂନିଏ ତାରେ ଭୋଳି;
ପରାଣେ ଉଠଇ ତାନ,
ପରାଣେ ତା ପ୍ରତିଦାନ;
ଚଳଇ ନୀରବ ଲୀଳାରସେ ବିଶ୍ୱ ପୁରି,
ନୀରବ ସେ ତାନେ ବାଜେ କି ସ୍ୱର-ଲହରୀ ! । ୪ ।

କି ସ୍ୱର ବାଜଇ ପୁଣି କ୍ଷୁଦ୍ର-ପିଂଡ ନରେ,
ପରାଣେ କି ଉଠେ ବାଜି କି ଇଂଗିତ ଖେଳେ ?
କ୍ଷୁଦ୍ର ଜଡ଼କାୟା ଗୁଡ଼ି,
ଆତ୍ମ-ଜ୍ୟୋତି ବିଶ୍ୱ ପୁରି;
ନୀରବ ଝଂକାରେ ଉଠେ, କି ସଂକେତ ସ୍ୱରେ ?
ଫୁଲିଉଠେ ଏ ପରାଣ କପାଁ ଅସଂଖ୍ୟଳେ ? । ୫ ।

ଅନଂତ ପ୍ରସାରେ ସିଂଧୁ ମିଶଇ ଗଗନେ;
ଜ୍ୟୋତିଷ୍କ ଖେଳାଏ ବ୍ୟୋମ ଅନଂତ ବିତାନେ;
ଅନଂତ ଜୀବନ-ଧାରା
ଦେଶ-କାଳ-ପରଂପରା
କ୍ଷୁଦ୍ର ନର ଆତ୍ମ-ପୁରେ ପଶି ଯାଏ କ୍ଷଣେ;
ଖେଳିଯାଏ ପ୍ରାଣ କ୍ଷଣେ ଅନଂତ ସର୍ଜନେ । ୬ ।

କାହିଁ ସେ ଅନଂତ ଧାରା ଏ ପିଂଡ଼ ଗରଭେ ?
କି ଦେଖି ଉଠଇ ଫୁଲି ପରାଣ ଗରବେ ?
କି ରସେ ଉଠଇ ଭାତି
ଜଡ଼ ପିଂଡେ଼ ଆତ୍ମଜ୍ୟୋତି ?
ନର-ହୃଦ ଭାସି ଯାଏ ବିଶ୍ୱ ବଇଭବେ,
ସୀମାବଂତ ଫୁଟି ଉଠେ ଅନଂତ ବିଭବେ । ୭ ।

ଆତ୍ମାର ଏ ପୁଣ୍ୟପୀଠେ ଅନଂତ ପ୍ରସାର
ଦେଖରେ ବିଶ୍ୱାସି, ତିଳେ ନରେଖି ଅଂତର;
ନିସର୍ଗ-ସରସ ଧାରା
ଅଂତରେ କରଇ ଲୀଳା,
ହୃଦ-କଇଲାସେ ବିଜେ ସ୍ୱୟଂଭୂ ଶଂକର;
ଜଗତ-ମଙ୍ଗଳ-ଲୀଳା ରଚେ କି ରୁଚିର ! । ୮ ।

ନ ପଚାର 'କାହିଁ ଅଛ' ମୋହ ପାସେ ପଡ଼ି,
ଖୋଜି ଖୋଜି ସର୍ଗଭିତ୍ତେ, ଅଂତରୁ ବାହାରି;
ନ ପାଇବ କାହିଁ ଲବେ
ସାଗର କାନନ ନଭେ
ଆତ୍ମଦୀପ ରଖେ ସିନା ଜଗତ ଉଜଳି !
ଅନ୍ଧାରେ ଖୋଜିଲେ, ଭୟେ ଯିବ ପଥ ହୁଡ଼ି । ୯ ।

ପାପୀର ଅନନ୍ତ ବାସ କରମେ କରମେ;
ବିଶ୍ୱ-ଚକ୍ଷୁ ଦେଖୁଥାଏ ତାରେ ଅନୁକ୍ଷଣେ;
ଘୋର ତମୋମୟ ଘରେ
କିବା ସେ କରମ କରେ ?
କାହା ଭୟେ ଚଉପାଶେ ଚାହେଁ ସେ ସଭ୍ରମେ ?
ଚମକି ଚମକି କାଁପି ଉଠଇ ମରମେ ? । ୧୦ ।

ସହସ୍ର ନୟନେ ପାପୀ କେ କରେ ଆଦର ?
ଘୋର ତମେ କାହୁଁ ଉଠେ ବିଶ୍ୱ ବିଭାକର ?
ଜାଣି ପାପ ଅପସ୍ମାର,
ହୃଦେ ଚାହେଁ ବାରଂବାର;
ନ ଦେଖି ହୃଦୟେ, କରେ ଆତ୍ମ ବ୍ୟଭିଚାର;
ଚଉଦିଗେ ଦେଖଇ ସେ ପ୍ରହରୀ-ସଂଚାର । ୧୧ ।

ସେହି ତ ଅଂତର ଚେତେ ଫୁଟଇ ବାହାରେ;
ଆଲୋକେ ନ ଦେଖି ପାପୀ ଦେଖେ ଅଂଧକାରେ
କି ପୀରତି ବିଶ୍ୱପୁରେ ?
ଅକର୍ମ କରମେ ନରେ
କିଏ ଚାହିଁଥାଏ ଭବେ ନିଯୁତ ଆଦରେ ?
ଏକାକାର କିଏ ରଚେ ଭିତର ବାହାରେ ? । ୧୨ ।

ବଢ଼ିଲ ପାଦପ ଚୂତ କିଶଳୟ ମେଲି;
ଉପରେ ବହଇ ନଦୀ, ଘୁଞ୍ଚି ଗିରି ଦରୀ;
କିଏ ସେ ବିକାଶେ ତହିଁ
ସ୍ଥିତି ଅଂତରାଳେ ରହି ?
ସେହି କି ବିକାଶେ ମୋର ହୃଦଂତର ପୁରି ?
ତାହାରି କି ଏ ଜଗତ-ଅନଂତ-ମାଧୁରୀ ? । ୧୩ ।

ଦେଖଇ କାହାରେ ପାପୀ ନିମିଷେ ନିମିଷେ ?
ନିସର୍ଗ ଶୃଂଖଳା ଧରି କିଏ ସେ ବିକାଶେ ?
ପରାଣେ ଉଠଇ ପୁରି
କିଏ ସେ ନିସର୍ଗ ଭରି ?
କାହା ଜ୍ୟୋତି ପୂରେ ବିଶ୍ୱ-ନିସୃଷ୍ଟି ବିଭାସେ;
ଅମିତ ଭୁବନ ଖେଳେ ଭୂମାନଂଦ ରସେ ? । ୧୪ ।

ଅଂଧାର ହୃଦୟୁ ପାପୀ, ଆତ୍ମମୋହ ଧରି,
ଅଂତରୁ ଲୁଚାଇ ପାପ କରମ ଆଚରି,
ଦେଖେ କାହୁଁ ଅଯାଚିତେ
ଚଉପାଶେ କେତେ ମଂତେ;
ଦେଖେଁ ତାରେ କାହା ଚକ୍ଷୁ ନିବାରି ନିବାରି ?
କି ଦର୍ଶନେ ବିଶ୍ୱ ତାର ହୃଦେ ଯାଏ ପୂରି ? । ୧୫ ।

ପାପୀରେ ଏ ଦୟା ଯେବେ, ଏ ପୀରତି ଲୀଳା;
ଅପକର୍ମେ ଯେବେ ଏତେ ସଂସାର ଶୃଂଖଳା,
ନ କରୁଛି ପାପ କେତେ
ଜନମି ଏଥୁ ମରତେ,
ଦେଖିବ କି କାହିଁ ଅଛ ଧରି ବିଶ୍ୱଧାରା ?
ଅଂତର ବାହାରେ ବହିଯିବ ପ୍ରୀତି ଧାରା । ୧୬ ।

ଦେଖୁଛି ଅଂତରେ କେତେ ନରେଛି ନରେଛି;
ଭୁଲୁଛି ଜଗତେ ବହୁ କରମ ପରଖି;
ଦେଖଇ ଅଂତରେ ଶୂନ୍ୟ,
ବାହାର ଇଂଗିତ-ହୀନ;
ଗରବେ ଅଂତର ବିଶ୍ୱେ ଯାଉଛି ମୁଁ ଲେଖି;
ଅହଂକାର ପ୍ରତିକାଶ ଯାଉଅଛି ଦେଖି । ୧୭ ।

କାହିଁଅଛ, ତେବେ, କହ, କି ପୂଣ୍ୟ ନଦେଶେ ?
ଏ ପରାଣେ ଅହଂକାର ଉଠଇ କି ରସେ ?
ଏ କାହା ନଦେଶ ଘୋର ?
କାହାର ଏ ଅହଂକାର ?
କାହାର ମହିମା ତେବେ ଅଂତରେ ବିକାଶେ ?
କାହିଁ ଅଛ କହ ତେବେ କେଉଁ ଶୂନ୍ୟଦେଶେ ? । ୧୮ ।

ସଂସାର କି ଏହୁ ଶୂନ୍ୟ, ଶୂନ୍ୟ କି ଏ ବ୍ୟୋମ ?
ଘଟନାର ପରପାରେ କାଳ କି ସେ ଶୂନ୍ୟ ?
ନ ଲେଉଡ଼ି ହୃଦୟ ଜ୍ୟୋତି;
ଜଗତେ ଖେଳାଇ ମତି,
ପାପୀ-ହୃଦେ ପୂରି ଉଠେ ହାସର ସଂଯମ;
ଶୂନ୍ୟ ଦେଖେ ଉଦାସୀନ ଅନଂତ ଭୁବନ । ୧୯ ।

ପୂରିଛି ହୃଦୟ କାହୁଁ ଚିନ୍ମୟ ବିଭବେ ?
କିବା ସେ ବିଭବ ରାଜେ ଅନଂତ ଏ ଭବେ ?
ଜଡ଼ସ୍ଥିତି-ଅଂତରାଳେ
କିବା ସେ ସ୍ପଂଦନ-ଖେଳେ ?
ବିକାଶେ କେସନେ ଆତ୍ମା ବିଶ୍ୱ ବଇଭବେ ?
କାହିଁ ଅଛ କିବା ବିଶ୍ୱ-ମହିମା-ଗରବେ ? । ୨୦ ।

## ଭକ୍ତ-ବାଣୀ

୧

ପରମ କାରଣ ବିଶ୍ୱେ ! ମହାକାଳ ବ୍ୟାପି
କି ମହା ବିକାଶେ ଦେବ, ରହିଛ ହେ ପୂରି
ଦିଗ୍‌ଦେଶର ଅନଂତ ବିତାନେ ?
ସ୍ଥାବର, ଜଂଗମ, ଜଡ଼, ଜୀବଂତ ନିଖିଳ
ଘୂରଇ ଇଗିଂତେ ତବ, ଘୂରେ ଚରାଚର
କରାଳ ଏ କାଳ ଆବର୍ତ୍ତନେ ।
କାଳଗ୍ରାସେ ପଡ଼େ ତୁଟି,
ମହାବିଶ୍ୱ କୋଟି କୋଟି;
ବିଶ୍ୱଜ୍ୟୋତି, ବିକୃତିର ଅତୀତ ବିଧାନେ ।

୨

ଅନଂତ-ବିଭବ ବିଶ୍ୱେ ହେ ପରମ ତତ୍ତ୍ୱ,
ବିଶ୍ୱଚକ୍ର-ମହିମାର ପରମ ଆଶ୍ରୟ,
ଆଦି ମୂଳାଧାର ଭୂମା ! ଦିବ୍ୟ-ସଂପଦେ
ଦେବେ ତବ ବ୍ରହ୍ମ-ବିଶ୍ୱ-ପରଶେ ସୁଂଦର ।
ମହାଭୂତ ଅହଂକାର ପ୍ରକୃତି ପଟଳେ
ଅନଂତ ଜୀବନଧାରା ଭେଦି ଅଂତରାଳେ
ବିକାଶ ହେ କି ମହା ଉତ୍ସବେ ?
ଅନଂତ ଆଦେଶେ ପୁଣି ନିସର୍ଗ-ଅଂତରେ
ବିରାଜଇ ତବ ମହା ସତ୍ତା କି ବିଭବେ !
ଅନଂତ ସର୍ଜନ ସ୍ଥିତି,
ଅନଂତ ତବ ବିଭୂତି,
କେ କଳି ପାରିବ ତବ ଅନଂତ ସ୍ୱରୂପେ ?
କେମଂତେ ହେ ବିଶ୍ୱେ ! ମୁହିଁ ବଂଦିବ କଳୁପେ ?

୩

ବିଜ୍ଞାନର ଗବେଷଣା, ଦର୍ଶନ ଗରବ,
ଅତଳ ବାରିଧି ଲୋଡ଼ି କରେ ପରିମାଣ;
ଗଣିପାରେ ସିକତାର ଅନଂତ କଣିକା;
ସହସ୍ର-ଦୀଧିତି-କର କଳପାରେ ହେଳେ;
କିଂତୁ ହେ ପରମ ଦେବ !
ଅଗମ୍ୟ ମହିମା ତବ
କି ଦର୍ଶନେ ଭେଦିବ ସେ କିବା ଆଲଂବନେ ?
କାହିଁ ତବ ମାନଦଂଡ ଏ ତିନି ଭୁବନେ ?

୪

ମହୀୟସୀ ମାନବ ମନୀଷା,
ତବ ଜ୍ୟୋତି ଲଭି ତିଳେ
ନିରର୍ଥକ ଅହଂକାରେ
ଖୋଜେ ତବ ମହାତତ୍ତ୍ୱ ଅନଂତ ଅଂଧାରେ;
ବାକ୍ୟ ମନ-ଅଗୋଚରରେ
ଖୋଜଇ ସେ ଅହଂକାରେ
ବାରଂବାର ଉଠି, ପଡ଼ି ଯାଏ ସେ ଅତଳେ;
ଲୁଚିଯାଏ ମହା ଘୋର ସୁପ୍ତି-ଅଂତରାଳେ ।
ପଡ଼ିଯାଏ, ଲୁଚିଯାଏ,
ଅନଂତରେ ମିଶିଯାଏ,
ମୁହୂର୍ତ୍ତ ମିଶଇ ଯଥା କାଳ-ପାରାବାରେ ।

୫

ବ୍ୟୋମରୂପୀ ! ଇଂଗିତରେ ତବ
ଅନଂତ ଆକାଶେ ଖେଳିଗଲା ଜ୍ୟୋତିରେଖା;
ପ୍ରକୃତିର କୋଳାହଳ ପ୍ରଳୟ ତାଂଡବେ
ସର୍ଗତଂତ୍ର ବିଧାନର ସେ ମହା ଉତ୍ସବେ
ପ୍ରକଟିଲା ଜଗତର ଚିତ୍ର ରୂପ-ଲେଖା
ସତ୍ତ୍ୱର ସେ ଜୀବଂତ ବିକାଶେ
ଉଠେ ଭାତି ରାଶି ରାଶି
ବିଶ୍ୱଜ୍ୟୋତି ପରକାଶି
ନିସର୍ଗ ସଂଗୀତ ଭୂମାନଂଦ କି ନିଦେଶେ ?
ଅମୃତ ସ୍ପଂଦନେ ମାତି
ଫୁଟି ଉଠେ ମହା ଦ୍ୟୁତି
ବିଶ୍ୱଶୋଭା ହସି ହସି ଅନଂତ ଆକାଶେ ।

୬

ଅନଂତ କରାଳ କାଳ-ମହା ମୂଳାଧାର,
ନିଖିଳରହସ୍ୟ, ବିଭୋ, ନିସର୍ଗବିଗ୍ରହ !
ସର୍ଗତଂତ୍ରମନ୍ତ୍ର ତବ ଓଁକାର ବିଭବ
ସୃଜିଲା ନିମିଷେ ମହା-ଭୁବନ ବିତାନ ।
ଦିବ୍ୟ ତେଜେ ବିରାଜିଲା ମହା ଜ୍ୟୋତିରେଖା
ଦିଗ୍‌ଦେଶର ମହାବର୍ତ୍ମ ଅନଂତ ବିସ୍ତାରେ
ଭବ-ତଂତ୍ର ଉଦ୍‌ଘାଟନ କରି କି ଭାବନେ;
ବହିଯାଏ କାଳସ୍ରୋତ
ନିମିଷୁ ନିମିଷ ଗତ,
ଅନାଗତ ଅତୀତର ନିତ୍ୟ ବର୍ତ୍ତମାନେ
ସତ୍ୟ ତୁଂଭେ, ଦେଶକାଳ-ଅତୀତ ନିଗମେ ।

୭

ଅନଂତ-ମହିମ ! ତବ ଶୃଂଖଳ ବଂଧନେ
ନିବଦ୍ଧ ସତତ ବିଭୋ, ଅମିତ ଭୁବନ;
ଉଦ୍‌ଭାସିତ ବିଶ୍ୱ ତବ ଅନଂତ ବିଗ୍ରହେ,
ରଂଧ୍ରେ ରଂଧ୍ରେ ମହା ବିଶ୍ୱେ ତବ
ଅନଂତ ଜୀବନ-ଧାରା ଅମୃତ ନିଃଶ୍ୱାସ
ଦେଖାଉଛି ଏ ବିଶ୍ୱ ତାଂଡବ ।
ନାହିଁ ଆଦି, ନାହିଁ ଅଂତ,
ନାହିଁ ହେ ପ୍ରାରଂଭ ପ୍ରାଂତ,

ମହା ବିଶ୍ୱ ପରଂପରା ଅନଂତ ବିଧାନେ
ରଚିଛ କି ମହାଛଂଦେ,
ଖେଳଇ କି ଭୂମାନଂଦେ,
ଜନମ ମରଣ ସର୍ଗ ପ୍ରଳୟ ଭୁବନେ,
ନବ ମୃତ୍ୟୁ ନବ ଜନ୍ମ ଅନଂତ ଗ୍ରଥନେ ।

୮

ଅନଂତ ଅନଳ ପିଂଡ଼ ଆବର୍ତ୍ତନୁ ସତେ
ପଡ଼ଇ ସ୍ଫୁଲିଂଗ ସମ କୋଟି କୋଟି ବିଶ୍ୱ-
ସୂର୍ଯ୍ୟ, ଚଂଦ୍ର, ଗ୍ରହ, ତାରା ସୃଷ୍ଟି ଅପ୍ରମିତ
ପଡ଼ଇ ବିକାଶି ବ୍ରହ୍ମଜ୍ୟୋତି ବିରଚନେ ।
ବିଚୂର୍ଣ୍ଣିତ ପ୍ରପାତର ଜଳବିଂଦୁ ଖେଳେ
ବର୍ଣ୍ଣଛଦ-ମସୃଣ ବିଶ୍ୱ ବିଭାସ ଯେସନ,
ତେସନ ହେ ବ୍ରହ୍ମଜ୍ୟୋତି ! ଅନଂତ ଜ୍ୟୋତିଷ୍କ,
ବରେଣ୍ୟ ସବିତୃ-ମାଳା, ଧରି ଏକେ ଏକେ
ଗ୍ରହବିଘୂର୍ଣ୍ଣନେ କେତେ ଅନନ୍ତ ଜଗତ,
କାହିଁ କେଉଁ ଦେଶେ ମହା ଶୂନ୍ୟ ପଥ-ଖଣ୍ଡେ
ପ୍ରଦୀପ ପରାଏ ଜଳି ଅନଂତ ଗଗନେ,
ରତ୍ନଦୀପେ ସ୍ୱର୍ଣ୍ଣ-ଜ୍ୟୋତି-ବିଭ୍ରମ ବିକାଶେ,
ଅପାର୍ଥିବ ଦହନର ଜ୍ୱଳନ୍ତ ସ୍ଫୁରଣେ,
ତବ ଦିବ୍ୟ କରେ ଲଭି ଜୀବନର ଦ୍ୟୁତି,
ଶ୍ରାଂତିର ଆବେଶ ଭୁଲି, ମହା ବ୍ୟୋମବର୍ତ୍ମେ—
ଅନଂତ ସୁମାର୍ଗ-ଦୃଶ ଯୋଗି ଧ୍ୱାଂତ ଦେଶେ—
ଅପାର ମହିମା ତବ ଅନଂତ ଶକତି
ପ୍ରଚାରି ଗରବେ, ଶୁଦ୍ଧ ଜୀବନ ଯାପନେ
ଭୂମାନଂଦ ମଧୁଧାରା ଲପନେ ବିକାଶି,
ଭ୍ରମଂତି ନିରତ ସୁଖେ; ଦେଖଂତି ସରବେ
ତବ ଜ୍ୟୋତି ଦରପଣେ ନିଜ ନିଜ ମୁଖ,
ବିଶ୍ୱବାସୀ ଉତ୍ସବରେ ଚଂଦ୍ରକରେ ଯଥା ।

୯

ଦିଗଂତ-ବିସ୍ତାରୀ ଏହି ଜ୍ୟୋତିଷ୍କ ବିଭବ,
ମହୀୟସୀ ଦ୍ୟୁତିର ଏ ଅନଂତ କ୍ରୀଡ଼ନ,
କୁଶାଗ୍ର ସଲିଳ ସର
ଅନଂତୁ ଅନଂତେ ପଡ଼ି
ତବ ଜ୍ୟୋତି ପାରାବାରେ ଲୁଚିଯାଏ କାହିଁ,
ଲୁଚିଯାଏ ଅଲକ୍ଷିତେ ଅସ୍ମିତା ହରାଇ ।

୧୦

ହେ ବରେଣ୍ୟ ଦେବ ! କିବା ଏ ମହିମା ଲୀଳା
ଅନଂତ ଏ ଗଗନର ସୃଷ୍ଟି-କୋଳାହଳ !
କୋଟି ବିଶ୍ୱ ଭୁବନର ଏ ମହା ଦ୍ୟୋତନ,
ଗୁଣନ ବିଧାନେ ଯେବେ କଳ୍ପନାର ବଳେ
ଅନଂତ ପ୍ରମାଣେ ବଢ଼ି, ଅନଂତ ବିଭାସ
ମହାଜ୍ୟୋତି ବିସ୍ତାରିବେ ଅନଂତ ବିତାନେ;
ଅନଂତ ଅନଂତେ ବଢ଼ି ସେ ମହା ବିଭୂତି,
କଳ୍ପନାର ମହୀୟସୀ ସେ ଚିନ୍ମୟ ଲୀଳା,
ତବ ଜ୍ୟୋତି ତୁଳେ ପଡ଼ି ତୁଳାଦଂଡମାନେ
ବୁଡ଼ିଯିବେ, ଲୁଚିଯିବେ, ତୁଳନାରେ ନ ଆସିବେ
ଲଭିଯିବେ ଅଣୁ ଯଥା ବିଶ୍ୱର ତୁଳନେ;
ଅନଂତ ପ୍ରମାଣ ତବ ମହା ବିଭୂତିରେ
ଅମୃତ ସେ ଗରିମାରେ
ଅପ୍ରତିମ ଭର୍ଗ ତୁଳେ
ବୁଡ଼ିଯିବେ ଶୂନ୍ୟ ଯଥା ଅନଂତେ ମିଶାଇ
କି କହିବି ସେ ବିଭୂତି ମାନବ ହେ ମୁହିଁ !
ନିସର୍ଗ-ନିଦାନ ଦେବ, ହେ ମହା ଆଦର୍ଶ !
ତବ ମହା ଆଦରଶେ ସୃଷ୍ଟିର ବିକାଶ,
ତବ ପ୍ରଚୋଦନ ବଳେ ଆତଯାତ ଭବ,
ଚଳାଅ ହେ ଜଗତ ନିୟମେ ।

ତବ ପଦେ ମତି ମମ ରଲାଅ ନିମିଷେ,
ଆବେଗ-ଶାସନେ ମମ ବିଭ୍ରାଂତ ହୃଦୟେ
　　କ୍ଷଣେ କର ବଶ ହେ ସଂଯମେ ।
ଅଣୁସ୍ଥାନ ମହାଶୂନ୍ୟ ଏ ପରାଣ ଦେହ,
ବୁଡ଼ିଯାଏଁ ଅନଂତର ମହାନଂଦ ରସେ,
କ୍ଷଣେ ବସେଁ ଆମୃତ ସେ ଭୂମାନଂଦ ଧାମେ ।

୧୧

ସ୍ଥିତିର ଏ ଅଲକ୍ଷିତ ନଗଣ୍ୟ ସଂଧ୍ୟାରେ
　　ଏ ମହା ମାନବ ଜନ୍ମେ
　　ତବ ମୁଗ୍‌ଧ ବିରଚନେ
ବସିଛି ମୁଁ ସରଗ ଦୁଆରେ,
ବିଶ୍ୱାସେ ଆସ୍ଥାନ ମମ ଅମୃତ ସେ ଦୂରେ ।
ମର୍ତ୍ତ୍ୟଭୂମେ ମରଣର ସୀମାଂତ ପ୍ରଦେଶେ
ବସିଛି ହେ ବିଶ୍ୱାସର ପୂର୍ଣ୍ଣ ପରିଣାମେ,
ନିର୍ଜର ସଂପଦ ଦେଶ ସୀମାରେ ସତତ
ଉଭା ମୁହିଁ ରଖି ନେହ ଦଇବତ ଭୂମେ ।

୧୨

ମାନବ ମୁଁ, ଜୀବପୁରେ ସର୍ଜନାର ଲୀଳା
ସରିଛି ଜନମେ ମମ; ନିର୍ଜୀବ ପ୍ରକୃତି
　　ଜୀବଂତ ବିକାଶେ ତବ
　　ଏ ମର ବିଗ୍ରହେ, ଦେବ,
ନିସର୍ଗ-ସୋହାଗ-ଲୀଳା ସାରି ମରଭୂମେ
　　ଉଠୁଅଛି ଅମର ଭୁବନେ ।
ମାନବ ନୟନେ ଗୃହେଁ ଜୀବରାଶି ତଳେ,
ଦେଖଇ ଉପରେ ସଦା ଅମୃତ ତୋରଣ,
ମହାଭୂତ ଶକ୍ତିପୁଂଜ କରେ ମୁଁ ଶାସନ;
ମରଦେହି ଧୂଳିର ଏ ମାନବ ବିଗ୍ରହେ,
ରାଜା ମୁହିଁ ଦାସ ମୁହିଁ ପ୍ରକୃତି ସର୍ଜନେ;

　　ମହା ଅନୁଭୂତି ବଳେ
　　ପରାଣର କୋଳାହଳେ
ଅମର ମୁଁ ଜଗତର ଜୀଅ ପୁଣି କ୍ଷଣେ ।

୧୩

କେମଂତେ ହେ ବିଶ୍ୱେ କାହୁଁ ଆସିଲି ମୁଁ ଏଥି ?
କି ମହା କଳ୍ପନା-ଋଦ୍ଧି ଏ ମାନବ ସୃଷ୍ଟି ?
ରହସ୍ୟର ଅଂତରାଳେ କେ କହିବ ଫେଡ଼ି,
ଧୂଳିର ଏ ମରତନୁ ମୁହିଁ କି ଜୀବଂତ
ମହତ୍ତର ଶକତିର ଜ୍ୱଳଂତ ସ୍ଫୁରଣେ ?
ସଂଭବେ ମୃଣ୍ମୟ ପିଂଡେ ଜୀବନର ଖେଳା
ମୂର୍ତ୍ତ ମୃତ୍ତିକାର ଜଡ଼ ଅଭ୍ୟଂତରୁ କି ସେ ?
　　କାହିଁ ତବ ଦିବ୍ୟ ଜ୍ୟୋତି ?
　　କାହିଁ ବା ମାନବ କୃତି ?
ଜୀବନର ମୂଳାଧାର ହେ ସର୍ଗସବିତା !
　　ଅନଂତ ଅନଂତେ ଧରି
　　ଓଁକାର ଝଂକାରେ ପୂରି
ଅଣୁ ପରମାଣୁ ଭେଦି ରହିଛ ହେ ପିତା ।
କ୍ଷୁଦ୍ର ଏ ମାନବ ପ୍ରାଣେ ମୋ ମହା ବିଭୂତି
ଖେଳିଯାଏ ତୁମ୍ଭର ସେ ଅନଂତ ଶକତି ।

୧୪

ପରମ ମଂଗଳମୟ ହେ ଆତ୍ମ-ବିଧାତା !
ବିଶ୍ୱଜାଗରଣ, ସତ୍ୟ ! ହେ ମହା ଦେବତା !
ତବ ଜ୍ୟୋତି, ପ୍ରେମ ତବ ମହା ମହିମାରେ
ପୂରାଇ ଅଂତର ମମ ଅମୃତ ଜୀବନେ
ଆଶାର ବିକାଶ କରେ ଏ ମର ବିଗ୍ରହେ ।
　　ମୃତ୍ୟୁର କରାଳ ଧ୍ୱାଂତ
　　ଏଡ଼ି ଦେଖେ ମୁଁ ସତତ

ମୃତ୍ୟୁରେ ଅମୃତ ନିଧି କି ମହା ଉଲ୍ଲାସେ,,
ରହସ୍ୟର ଅଂତରାଳେ ଭେଦି କ୍ଷୁଦ୍ର ବିଶ୍ୱ
ଉଠେ ମୂର୍ଦ୍ଧ୍ନିଁ, ମୂଳାଧାର ଲୋଡ଼ଇ ପରାଣେ ।
ଲୋଡ଼ଇ ହେ ଲଭିବାରେ ତବ ମହାସତ୍ତ୍ୱ
ଚିନ୍ମୟ ଭର୍ଗ ହେ ତବ, ନିସର୍ଗ ସବିତା !

୧୫

ନିର୍ବାଚନ ପରପାରେ ତବ ଚିଂତା ବିରାଜେ,
ମହା ମହୀୟସୀ ତବ ବରେଣ୍ୟ ବିଭୂତି,
ନାମରୂପମୟ ତୁଚ୍ଛ ଭାବର ଚିହ୍ନଣେ
ମାନବ କଳ୍ପନା କାହୁଁ ପାରିବ ହେ ଲେଖି ?

୧୬

ଆସ ହେ ଅନଂତଜ୍ୟୋତି, ପ୍ରାଣେ ଅବତରି
ଅଣିମାର ଅଚିଂତିତ ଚିନ୍ମୟ ବିଭବେ;
ନରଭାବ ଶବଳିତ ପ୍ରତିବିଂବ ତବ
ପଡ଼ୁ କ୍ଷଣେ ଉନ୍ମୁକ୍ତ ଏ ହୃଦ-ଦରପଣେ ।
ପରମାତ୍ମା-ବିଭୂତିରେ
ପୂରୁ ଏ ଅଂତର ତଳେ,
ଅନଂତ ନିଦେଶେ ଯାଉ ଏ ପରାଣ ଭାସି,
ଭୂମାନଂଦେ ଦେଖୁ ଫେଡ଼ି ବିଶ୍ୱ ରାଶି ରାଶି ।
ପରମାତ୍ମା ! ନିସର୍ଗ ସବିତା !
ଆଲୋକ ବିଭାସେ ତବ
ଫୁଟି ଉଠୁ ଜ୍ୟୋତି ଦେବ,
ପରାଣ ପଂକଜ ଫୁଟୁ ଏ ମର ବିରହେ
ଅଣିମା ସଂପଦ ଜ୍ୟୋତି ମହା ଅବରୋହେ ।

୧୭

ସେହି ବିଭୂତିର ପୂରେ ଏ ହୀନ କଳ୍ପନା
ମର୍ତ୍ତ୍ୟ ଭେଦି ଉଠିବ ହେ ସାଯୁଜ୍ୟ ଗରବେ ।
ସେ ମହା ମିଳନେ ଯିବ ଭବବଂଧ ତୁଟି,
ମଂଗଳ ହସିବ ସବୁ ବିଜ୍ଞାନ ବିଭାସେ ।
ହୃଦୟ କଂଦରେ ପ୍ରେମ ଉଠି ଉଲ୍ଲାସଣେ
ସଂଚରିବ ମହାପୁରେ ନିସର୍ଗ ବିଧାନେ,
ମହା ମହିମାର ଲୀଳା ଦେଖିବ ହରଷେ;
ଶୁଷ୍କ ପ୍ରାଣୁ ଭକ୍ତିଧାରା
ଖେଳିଯିବ ବିଶ୍ୱସାରା ।
ଅମୃତ କ୍ଷରଣେ ଭେଦି ଦିଗ୍‌ଦେଶ ବିତାନେ;
ସେ ପ୍ରେମ ଉଲ୍ଲାସେ ଦେବ !
ଅନଂତ ବିଭୂତି ତବ
ନିରେଖି ବିଚିତ୍ର ବିଶ୍ୱେ ଉନ୍ମାଦର ତାନେ;
ରଚିବ ହେ ପୂଜା ତବ ନିଖିଳ ବିଗ୍ରହେ;
ଭକ୍ତିରସେ ଆରାଧନେ
ଧ୍ୟାନ ବାକ୍ୟର ସ୍ଫୁରଣେ
ଆସିବ ହେ ତେବେ ସ୍ଥିରତା,
ପ୍ରେମରସେ ରସବଂତ ଅଂତରାତ୍ମା ମମ
ରସୋନ୍ମାଦେ ଭକତିର ଅଲକ୍ଷ ଲୋତକେ
ଗାଇବ ହେ ତବ ସ୍ତୁତି ପରାଣ ପୁଲକେ
ଅନଂତ ଚରଣ ବିଭୋ, ବ୍ରହ୍ମାଂଡ ସବିତା !

---

## ଆତ୍ମବାଣୀ

ଜ୍ଞାନ ଗରିମାରେ ଫୁଲି     ଅନଂତ ଭ୍ରମଣେ
ଉଠି ପଡ଼ି କେତେ ଗର୍ବ ଖେଳେ,
ଦର୍ଶନ ସୂତ୍ରର ମେଳି,     ପରାଣ ପୁଲକେ
ଭୁଲି କେତେ କଳ୍ପନାର ବଳେ,
ବିଶ୍ୱ ରଂଧ୍ର ଫେଡ଼ି କେତେ, ଜ୍ଞାତର ସୂତ୍ର ସଂକେତେ
ଦେଶକାଳ ତତ୍ତ୍ୱ ମେଳି ପଶି ଅଗୋଚରେ,
ଦେଖିଲଇଁ ଶାଶ୍ୱତର ସ୍ଥିତି ଅଂତରାଳେ;
ଭାବ ସେ ଶାଶ୍ୱତ ଲୀଳା,     ମହା ବିଶ୍ୱର ଶୃଂଖଳା,
ଗଲି ନିଦ୍ରାବେଶେ ସେହି ଜ୍ଞାନ-ଗର୍ବ-ଭରେ । ୧ ।

ଜୀବନର ମହୋଚ୍ଛ୍ୱାସ ବିକାଶ ବିଶାଳ,
ମହାକାଳେ ଭୃଂଗ ଜଡ଼ ସ୍ଥିତି,
ଜଗତ ଆନନ୍ଦ ଲୀଳା ମହାପରଂପରା
ବ୍ୟୋମତମେ ଆଲୋକର ଗତି
ଭୁଟିଲ ବିସ୍ତାର କେତେ, ଟୁହିଁ ଗତ ଅନାଗତେ
ଗୁହ୍ଣି ଗୁହ୍ଣି ପ୍ରାଣ କପାଁ ରହିଲା ଚକିତେ,
ଅନଂତ ମରଣ ଦୁଃଖ ବିଶାଳ ଆଘାତେ ।
ସେ ମରଣ ମଂତ୍ରେ ବୁଡ଼ି, ଅଂତରେ ବିଷାଦେ ସଡ଼ି,
ସୁଷୁପ୍ତି ର ଶାନ୍ତ-କୋଳେ ଗଲି ମୁଁ ସରିତେ । ୨ ।

ଛିନ୍ନ ସୁଷୁପ୍ତି ଗରଭେ ଜାଗ୍ରତ ସ୍ୱପନେ
କି ଦେଖିଲି କହିବି କେମନେ !
ଅନଂତ ତାମସ ଭେଦ ପରାଣ ପ୍ରବାହ
କାହିଁ ଗଲା କି ମହା ସଂଧାନେ ?
ବହିଗଲା ପ୍ରାଣଧାରା, ଭେଟିଲା ଗଗନେ ତାରା
ଅନଂତ ଏ ସ୍ଥିତି ଲୀଳା ପ୍ରହେଳିକାସର
ଖେଳିଗଲା, ରହିଲି ମୁଁ ଶୂନ୍ୟରସେ ଭୁଲି ।
ବହିଗଲା ପ୍ରାଣଧାରା, ମହା ପୁରେ ବିଶ୍ୱସାରା
ଭାସି ଗଲା, ଗଲି କିବା ଆତ୍ମରସେ ବୁଡ଼ି । ୩ ।

ବସ୍ତୁତରେ ଗଲା ଲୁଚି ବିଜ୍ଞାନ ଗଣନା,
ମାପିବାର ଦିଗ୍‌ଦେଶ ବିତାନ,
ପରମାଣ ମାନଦଂଡ — ସଂଖ୍ୟାର ଗରବ;
କଳିବାର ଅନଂତ ଭୁବନ;
ଫିଟାଇ ଦର୍ଶନ କଳା, ବିଜ୍ଞାନର ପରଂପରା,
ଦେଖିଲି ମୁଁ ସ୍ଥିତିମାଳା ନିବଦ୍ଧ ତାମସେ
କାଳ ବାଟ ଲୁଚିଗଲା କାହିଁ ସେ ନିମିଷେ;
ଆଲୋକର ବିଘଟନ, ଚହିଁ ଲେଖା ବିଲୋକନ
ଲଂଘନ ମହିମା ଲୁଚିଗଲା ମହାଦେଶେ । ୪ ।

ଜୀବନେ ବିଶୀଳା ମୃତ୍ୟୁ, ସଂପଦେ ବିଷାଦ,
ଦ୍ୱଂଦ୍ୱ ମୋହେ ପୂରିଲା ଧରଣୀ;
ଆଲୋକେ ଅଂଧାର ଦେଖି ନପାଇ ସରଣୀ,
ଆତ୍ମମୋହେ ହେଲି ମ୍ରିୟମାଣ ?
ଅନଂତ-ଭେଦନ ଶଂସୀ ବିଜ୍ଞାନର ଯୁକ୍ତିରାଶି
ଗଲା କାହିଁ ? ଶୂନ୍ୟେ ଗଲି ନିସ୍ତବଧେ ରହି;
ବିଶାଳ ବିତାନେ ଶୂନ୍ୟ ଅନୁମାନେ ଗୁହ୍ଣି ।
ଅନଂତୁ ଅନଂତେ ପଡ଼ି, ଗଲି ମୁଁ ଅସ୍ମିତା ଛାଡ଼ି,
ଅନଂତ ବିତାନେ ସତେ ଗଲା ପ୍ରାଣ ବହି ! ୫ ।

କଳ୍ପନାର କ୍ଷୁଦ୍ର ମାନ ରହିଗଲା ସ୍ଥିର
ଅନଂତ ସେ ସ୍ଥିତି-ଲୀଳା ଭାବି;
ଅନଂତ-ବିରହ-ଭରା— ଅମିତ-ନିସର୍ଗେ
ଆତ୍ମଜ୍ୟୋତି ଗଲା କ୍ଷଣେ ଦ୍ରବି;
ବିକାଶିଲା ସର୍ଗତଂତ୍ର ମରଣେ ଜୀବନ ମଂତ୍ର
ବିଶ୍ୱସାରା ଉଜ୍ଜ୍ୱଳିଲା ଲଭି ଦିବ୍ୟଜ୍ୟୋତି,
ଉଠିଲା ବିରାଗି ପୁଣ୍ୟ ସତ୍ୟ ଶିବ ଗୀତି ।
ବିଷାଦେ ଉଲ୍ଲାସ ଉଠି, ଅଂତରୁ ପଡ଼ିଲା ଫିଟି,
କି ଆବେଶେ ଭୃଂଗ-ବିଶ୍ୱ-ଜାଗରଣ-ଗୀତି । ୬ ।

ରଂଧ୍ରେ ରଂଧ୍ରେ ବିଶ୍ୱସାରା ମରଣ ମଂଦରେ
କି ଜୀବନ ଫୁଟିଇ ଉନ୍ମାଦେ ?
ତାମସ ଅଂତର ଭେଦ ଏ କି ମହାଜ୍ୟୋତି !
କି ସଂପଦ ଫୁଟଇ ବିଷାଦେ !
ଅନଂତ-ଜୀବନ-ଧାରା ବହିଯାଏ ବିଶ୍ୱସାରା,
ମହାସ୍ରୋତ ବହେ କି ସେ ସ୍ଥିର ପାରାବାରେ !
ଶକ୍ତି ସୁରଧୁନୀ ଖେଳେ ନିବନ୍ଧ ଉଷରେ ।
ମହାସ୍ରୋତ ଯାଏ ବହି, ଜଡ଼ ସ୍ଥିତି ଗ୍ରାସେ ରହିଁ,
କି ମହା ବିଭୂତି ପୂରେ ଅଂତରେ ବାହାରେ । ୭ ।

ଅନଂତ ବ୍ରହ୍ମାଣ୍ଡ ଏତୁ କିଏ ସେ ବିଧାତା ?
କି ଆବେଶେ ରଚିଛ ହେ ପୁରି ?
କି ମହା ସଂକଳ୍ପ ଧରି, କରି ଏ ସର୍ଜନ,
କାହିଁ ଅଛ କି ସ୍ୱରୂପ ଧରି ?
ବିଜ୍ଞାନର ତର୍କ ଜାଲ ମାନବର ଅହଂକାର
କି ବିଧାନେ ସୃଜିଛ ହେ ଅନଂତ ବିଧାତା ?
କି ଦର୍ଶନେ ଲୋଡ଼ିବ ସେ ତବ ମହାସତ୍ତ୍ୱ ?
ଗର୍ବସ୍ଫୀତ ବିକଟାଳ ହୀନ ତର୍କ ବ୍ୟଭିଚାର
କରିବ କଳନା ତବ ସତ୍ୟ ବିଶ୍ୱପିତା ! । ୮ ।

ମାନବର ଜ୍ଞାନ ଲେଖା, ତୁଂଭରି ସେ ପ୍ରଭୁ,
ତୁଂଭରି ଏ ନର ଆତ୍ମକଳା;
ବିଜ୍ଞାନ ଗରିମା ବିଶ୍ୱେ, ତୁଂଭରି କରଣୀ,
ଦର୍ପ ତପ ଶାସନ ଶୃଂଖଳା ।
ଉଠୁ ସେ ବିଜ୍ଞାନକଳା, ଫୁଟୁ ଶାସନ ଶୃଂଖଳା,
ମହା ଆତ୍ମଜ୍ୟୋତି ଉଠୁ ବିଶ୍ୱ ଅବଗାହି,
ମହିମାର କଳା ଯାଉ ସର୍ଗଛନ୍ଦେ ବାହି ।
ତୁଂଭରି ସେ ଜ୍ୟୋତି ଲେଖା, ତୁଂଭ ବିନୁ ପ୍ରହେଳିକା,
ଉତ୍ତୁଂଗ ବିଜ୍ଞାନେ ତୁଂଭ ବିନୁ ସତ୍ତ୍ୱ ନାହିଁ । ୯ ।

ତୁଂଭେ ପ୍ରଭୁ ମୂଳମଂତ୍ର ଯୁକ୍ତିର ସଂବଳ,
ଦର୍ଶନର ସାର ମୂଳପିଣ୍ଡ;
ସୃଷ୍ଟି ତତ୍ତ୍ୱ ନିରୀକ୍ଷଣେ ତୁଂଭେ ସାର ସତ୍ୟ,
ବିଜ୍ଞାନର ସ୍ଥିର ମେରୁଦଣ୍ଡ ।
ତୁଂଭ କୃତ ଏ ମାନବ, ତୁଂଭେ ଚିନ୍ମୟ ବିଭବ,
ସୀମାରେ ଆବଦ୍ଧ ତୁଂଭେ ହେ ଅନଂତ;
ଯୁକ୍ତି-ମୂଳାଧାର ତୁମ୍ଭେ ବିଶ୍ୱାସ ସତତ ।
କ୍ଷୁଦ୍ର ନର ଯୁକ୍ତି-ସାର— ବିଶ୍ୱାସ କରି ଆଦର,
ବୁଝିବ ଅମର ସତ୍ୟ ତବ ବିଶ୍ୱନାଥ ! । ୧୦ ।

ବାରଂବାର ଉଠିବ ସେ ଯୁକ୍ତିର ଗରବେ,
ବାରଂବାର ଯିବ ସିନା ପଡ଼ି
ପ୍ରେମମୟ ହେ ସବିତା, ବିଶ୍ୱାସ ପ୍ରମାଣେ
ରଖିଛ ଏ ସୃଷ୍ଟି-ଲୀଳା ଧରି ।
ସେ ବିଶ୍ୱାସ, ସେ ପୀରତି, କିବା ସେ ଅଦ୍ଭୁତ ନୀତି !
ଗର୍ବ ଭେଦି ବିକାଶିବ କେସନ ମାନବେ ?
କି ଅବା ରହସ୍ୟ ଅଛି ବିଶ୍ୱାସ ଗରବେ ।
ବିଶ୍ୱାସେ ଏ ହୀନପ୍ରାଣେ କି ମହା ସର୍ଗ-ବିଧାନେ
ପାଇବ ଆସ୍ଥାନ ବିଶ୍ୱେ ଅଣିମା-ବିଭବେ ! । ୧୧ ।

ତୁଂଭରି ତ ସର୍ଗମାଳା ଭୁବନେ ଭୁବନେ
ଜଡ଼ ପିଣ୍ଡେ ଜୀବନର ଲୀଳା;
କ୍ଷୁଦ୍ର ଏ ମାନବ-ଦୁର୍ଗ— ଚିନ୍ମୟ-ଗରବ
ତୁଂଭରି ତ ନିସର୍ଗ ଶୃଂଖଳା !
ଜୀବନର ମହାତାନେ ଅଂନତ ବିଶ୍ୱ ବିତାନେ
ତୁଂଭରି ସର୍ଜନ ପ୍ରଭୁ ମୃତ୍ୟୁର ସଂଯମ;
ମୃତ୍ୟୁରେ ଜୀବନଧାରା ତୁଂଭରି କରମ ।
ମୃତ୍ୟୁରେ ଅମୃତ ଝରେ, ମରଣ ଜୀବନ-ପୂରେ
ତୁଂଭରି ଅମୃତ ବିଶ୍ୱେ କରେ ବରଷଣ । ୧୨ ।

ଫୁଲିଉଠେ ଗର୍ବେ ନର ଜୀବନ ଝଂକାରେ,
ମୃତ୍ୟୁ ଦେଖି ହୁଅଇ ସ୍ତବ୍ଧ;
ଚିଦାନଂଦେ ଉଠେ ବାଜି ପରାଣ ତାହାର,
ଦୁଃଖେ ପାପେ ହୁଏ ନିଶବଦ
ଅହଂକାର ମଦେ ପଶି, ଅମୃତ ଲୋଡ଼ଇ ରସି,
ମୃତ୍ୟୁ ଆସି ନିଏ କାହୁଁ ସେ ମଦ ଧରସି;
ଦିବାଲୋକେ ଅଂଧକାର ଦିଶେ ଦିଶି ଦିଶି,
ଅମୃତର ମୂର୍ତ୍ତି ଭବେ ବିଶ୍ୱାସେ ଦେଖଇ ଲଭେ,
ଦୁଃଖ ପାପ ମୃତ୍ୟୁ ଯାଏ ଭୂମାନଂଦେ ମିଶି ! । ୧୩ ।

ଦୁଃଖ-ମୃତ୍ୟୁ-ଭୟେ ପ୍ରାଣୀ ଅନ୍ତର ପୀଡ଼ନେ
ଦେଖେ ବିଶ୍ୱେ ଆଲୋକେ ଅନ୍ଧାର
ସେ ମହା ମରଣ-ଲୀଳା ଚିନ୍ମୟ ମାନବେ
ଫିଟାଇଛି ଅନ୍ତର-ଦୁଆର ।
ଜଡ଼ ପିଣ୍ଡେ ଆତ୍ମଜ୍ୟୋତି ତୁମ୍ଭର ବିଧାତା, କୃତି
ଜଡ଼େ ପରିଣତି ତାର ନୁହଇ ନିଯୁତ;
କପାଁ ଏ ସର୍ଜନ ଜାଣି ତୁମ୍ଭେ ବିଶ୍ୱପତି !
'ମରଣ ନୁହଇ ଭବେ ଜୀବର ନିବୃତ୍ତି କେବେ'
ଏ ବିଶ୍ୱାସ ତୁମ୍ଭର ସେ ଅନନ୍ତ ଜାରତି । ୧୪ ।

ଅନନ୍ତ ବିଧାତା ତୁମ୍ଭେ ତୁମ୍ଭେ ବିଶ୍ୱ ପିତା,
ତୁମ୍ଭେ କ୍ଷୁଦ୍ର ମାନବର ସ୍ଥିତି;
ଜଗତର କୀଟ ଯେବେ ଚଳଇ ଅବାଟେ,
ତୁମ୍ଭେ ତାରେ ଦେଖାଅ ହେ ମତି,
ତୁମ୍ଭର ମହିମା-ବଳେ ଅନନ୍ତ ବ୍ରହ୍ମାଣ୍ଡ ଚଳେ,
ମରଣେ ଉଠଇ ତୁମ୍ଭ ଜୀବନ ବିକାଶ;
କ୍ଷୁଦ୍ର ନର-କର୍ମ ପ୍ରଭୁ ତୁମ୍ଭର ବିଳାସ ।
ଖେଳାଇ ସୃଜୁଛି ନର କରେ କେତେ ଅହଂକାର,
ଅହଂକାରେ ଅହଂକାରେ ତୁମ୍ଭର ପ୍ରକାଶ । ୧୫ ।

କରଇ ମାନବ କେତେ ତୀବ୍ର ଆତ୍ମମଦ
ବିନୁଦ୍ଧନ ଯାଏ କେତେ ଲକ୍ଷ;
କାହିଁ ଲୁଚିଯାଏ ଜ୍ୟୋତି, ବିକାଶଇ ପୁଣି,
ତୁମ୍ଭର ସେ ମୃତ୍ୟୁ ମଂଚ ଲକ୍ଷ ।
ବୁଡ଼ିଯାଏ, ଲୁଚିଯାଏ, ଅନନ୍ତରେ ମିଶିଯାଏ
ଅନନ୍ତୁ ଉଠଇ ପୁଣି ଜୀବନେ ବିକାଶି,
ମରଣର ମଂଚେ ଯାଏ ଜୀବନ ପ୍ରକାଶି ।
ତୁମ୍ଭର କରମ ସବୁ, ତୁମ୍ଭ ଜ୍ୟୋତି ମହାପ୍ରଭୁ,
ମରଣ ତାମସ ତାରେ ପାରେ କି ପରଶି । ୧୬ ।

ଅନନ୍ତ ପୀରତି ଧାରା ବହେ ଶତ ଭବେ,
ମଧୁରିମା ଫୁଟଇ ନିସର୍ଗେ;
ଯାଏ ଦୁଃଖ ମିଶି ତହିଁ କି ମଧୁସ୍ପନ୍ଦନେ
ପ୍ରେମବୀଣ ଉଠେ ଅନୁରାଗେ ।
ତରଙ୍ଗେ ତରଙ୍ଗେ ପୂରି, ପୀରତି ଯାଉଛି ଖେଳ
ବିଶ୍ୱାସର ତର୍କ ବୁଦ୍ଧି ଦେଖାଇ ସେ ଖେଳ
ଚିନ୍ମୟ ଗରବେ ନର ସାଧୁ ଅହଂକାର.
ସେ ଗରବ ଦ୍ୱନ୍ଦ୍ୱେ ପଡ଼ି, ମାନବ ଅସ୍ମିତା ହୁଡ଼ି,
ବିଶ୍ୱାସେ ନିସର୍ଗେ ଯାଏ ମିଶି ବାରଂବାର । ୧୭ ।

ଏହି ସେ ପୀରତି ଭବେ, ଏହି ସେ ବିଶ୍ୱାସ,
ଏହି ମୃତ୍ୟୁ ବିଶ୍ୱ-ବଇଭବ;
ଏହି ତବ କୃତି ତେବେ ମାନବର ଜ୍ଞାନ
ଏହି ତ ତା ଅଦ୍ଭୁତ ଗରବ !
କ୍ଷୁଦ୍ର ଇନ୍ଦ୍ରିୟ-ଦୁଆରେ ଧରି ରଖେ ଜ୍ଞାନ ତାରେ,
ଜ୍ଞାନେ ଜ୍ଞାନେ ବିଶ୍ୱପିତା ତୁମ୍ଭେ ମୂଳାଧାର !
ବନ୍ଧ ତମେ ଜ୍ୟୋତି ସମ ଲଭେ ତା ପ୍ରଚୁର ।
ଅହଂକାରେ ଜ୍ଞାନ ତେଜି, ବିଶ୍ୱାସେ ଆତ୍ମଜ୍ଞାନ ଭଜି,
ଆତ୍ମରସେ ଦେଖେ ନର ମହା ବିଶ୍ୱପୁର । ୧୮ ।

---

## ବିଶ୍ୱ-ବାଣୀ

ଅନନ୍ତ ତାମସ ଦେଶେ ଶୂନ୍ୟ ବ୍ୟୋମ-ଗର୍ଭେ
ବିଶ୍ୱ-ସର୍ଗ-ଲୀଳା ଭାବି କି ମହା ଆବେଶେ,
କି ଅନନ୍ତ ଅନୁମାନେ, ନକ୍ଷତ୍ର ନକ୍ଷତ୍ରେ
ସୃହିଁ ସୃହିଁ ଗଲ କ୍ଷଣେ, ଅସ୍ମିତା ବିଭୋର ।
ଲଭିଲ ସ୍ୱପନେ ସତେ, ଜ୍ଞାନ-ସୀମା ମମ,
ବିଜ୍ଞାନ-କଳ୍ପନା ପାରେ, କେଉଁ ମହା ବ୍ୟୋମେ,

ଭେଦି ସେ ରହସ୍ୟମୟ— ଧ୍ୱାଂତ ପରଂପରା,
ଆସିଲା ଜ୍ୟୋତିଷ୍କ,   କ୍ଷୁଦ୍ରତାରା ରୂପେ ଜଳି
ମହା ପଥେ ମହା ବେଗେ; ଦିଶିଲା ସେ, ଯଥା
ଦୂରେ ମହାସିଂଧୁ-ପଥେ   ବନ୍ଦର-ବର୍ତ୍ତିକା ।

ବହିଯାଏ ପ୍ରଭଂଜନ-   ଶୁ ରୁ-ଶୀତ ତାନେ ।
ଶୁହ୍ମି କ୍ଷଣେ ବିକାଶିଲା   ପ୍ରଚଂଡ ଜ୍ୱଳନ,
ବିଶାଳ ଚଂଡାଂଶୁ-ଲେଖା,   ମାର୍ତ୍ତଂଡ ବିଭାସେ,
ସେ ଜ୍ୟୋତିଷ୍କ, ଜ୍ୟୋତିପୂରେ   ବ୍ୟୋମ ଅବଗାହି;
ଅଦ୍ଭୁତ ଭୁବନମାଳା   ଧରି ଚଉପାଶେ ।
ରାଶି ରାଶି ସେ ଭୁବନ;   କ୍ଷୁଦ୍ର ଧୂଳିକଣା,
ବିଶାଳ ନିବିଡ ପିଂଡ   ଖଣ୍ଡ ନୀହାରିକା;
ଜୀବଲୋକ ସମାକୁଳ   କେନ୍ଦ୍ର; କେତେ ପୁଣି
ନିର୍ମାଣ-ବିକାଶେ ଶିଶୁ ,   ତରଳ ବର୍ତ୍ତୁଳ,
ପ୍ରାଣ ପରଂପରା-ହୀନ;   କାଳବଳେ ପଡ଼ି,
କେତେ ଶୀତବଂଧ, ଜଡ   ପ୍ରାଣହୀନ ଶବ ।
କ୍ଷୁଦ୍ର, ବଡ଼, ଶିଶୁ, ବୃଦ୍ଧ,   ସର୍ବ ଭବେ ରବି
ବିକାଶଇ ମହାତେଜେ   ଆଲୋକ ପ୍ରବାହେ,
ରୂପହୀନ ଶିଶୁ ଦେହେ,   ଜୀବଂତ ଚେତନେ,
ନିବିଡ଼ ପୁରାଣ ପିଂଡ-   ସଂହତ ବିଗ୍ରହେ ।
ବିଶ୍ୱରଶ୍ମି, ବିଏ ଜାଳ;   ପଡ଼ଇ ତା କାହିଁ
ଅକାରଣେ ବାଷ୍ପ-ପିଂଡେ,   ଯହିଁ ଜୀବଲୋକ,
ବିଶ୍ୱଲୋକଜୀବମୟ-   କାଳଗର୍ଭ ଭେଦି,
ଉଠି ନାହିଁ ସର୍ଗତଟେ;   ଅକାରଣେ ପୁଣି
ଶୀତପିଂଡେ, ଜୀବ ଯହିଁ   ଶୂନ୍ୟ କାଳେ କାଳେ ।

ଲୋକେ ଲୋକେ ସର୍ବ ଭବେ ଶକତି-ରହସ୍ୟ,
ଅନଂତ ପ୍ରକୃତି ଯାହା   ରଖେ ଜାଗରଣେ,
ଖେଳଇ ଅନଂତ ରସେ   ବିଶ୍ୱଲୀଳା ରଚି ।
ସେ ମହାସଂସାର ପୁଣି   କାହିଁ ବାଷ୍ପରୂପେ
ଅମୃତ ଶରୀର ଧରି,   ପ୍ରାଣପରଂପରା-
ପ୍ରବାହେ ଜୀବଂତ କେନ୍ଦ୍ର,   କେନ୍ଦ୍ର ବା ଶୀତଳ
ଘନ ଜଡ଼ ମହା ଭାର   ତୋଳ ମହା ବ୍ୟୋମେ,
ଜ୍ୟୋତିଷ୍କ-ଜ୍ୱଳନେ ଜଳି   ଖଣ୍ଡ ସେ ପ୍ରବାହେ,
ବିଶାଳ ସବିତା ଘେରି   ଶୂନ୍ୟେ ଚଉପାଶେ,
ବିଗ୍ରହ-ଆବର୍ତ୍ତେ କେନ୍ଦ୍ର   ମହା ବିଘୂର୍ଣ୍ଣନେ,

ଅବଲଂବି ବ୍ୟୋମ-ପଥେ   କି ଶୂନ୍ୟ ସରଣୀ
ନିରତ ଭ୍ରମଣେ ରତ,   ନିୟତ ବିମାନେ ।
ଘୂର୍ଣ୍ଣନ-ଭ୍ରମଣେ ସେହି   ମହା-ସର୍ଗ-ଧାରା
ଗଲା ପାଶେ ବହି ମମ ।   ଭେଦି ସେ ସବିତା
ବିଶ୍ୱବାଣୀ-ପରଂପରା,   ଅନଂତ ବିତାନେ
ମହା ବ୍ୟୋମ କର୍ମ ପୂରି   ଅମର ସଂଗୀତେ,
ଶୁଭିଲା ଜୀବନ-ମୃତ୍ୟୁ-   ମହା-ମଂନ୍ତ୍ର-ଘୋଷ;
ଜୀବନ-ସଂପଦ-ଭରା-   ମହାକାଳ-ଗର୍ଭେ
ଅଶେଷ ମରଣ-ଲୀଳା-   ରହସ୍ୟ-ସଂଭାରେ
ବାଜିଲା ସେ ବିଶ୍ୱ-ବୀଣା   ରଂଗୀ-ଘୋଷି-ତାନ ।

ପ୍ରକାଂଡ ସେ ଗୀତ-ତାନେ   ଶୁଭିଲା ନିନାଦେ,
ମହା-ବିଶ୍ୱ ଜୀବ-ଲୀଳା-   ଅତୀତ ମହିମା,
ସର୍ଗାରଂଭେ ଅନାଗତ-   ଭୂଂଗ-ଜାଗରଣ;
ବିଶାଳ ମରଣ-ମଂନ୍ତ୍ର   ବାଜିଲା ସଘୋଷେ—
ଅନାଗତ ଅନ୍ଧତର   ମହା ସ୍ୱପ୍ନ-ବାଣୀ;
ଏକତାନେ ଗରଜିଲା   ଜୀବନ ମରଣ—
ଅନଂତ ଜାଗର-ଲୀଳା,   ଅନଂତ ନିର୍ବାଣ ।
କାହିଁ ଆଦି, କାହିଁ ଅଂତ,   ଜୀବନ ମରଣେ ?
ବୃଦ୍ଧି କ୍ଷୟ-ସୀମା କାହିଁ   ଅନଂତ ଆବର୍ତ୍ତେ—
ଅନାଦି ଅନଂତ ବିଶ୍ୱ-   ଲୀଳା-ବିଭବରେ ?

ବିଶାଳ ସବିତା ସେହୁ,   ଧ୍ୱନି ପରଂପରା
ରଚି ଦ୍ୟୁତି-ବିସ୍ତାରଣେ,   ଗାଇଲା ସଂଗୀତେ—
"ପୂରବେ ପଶ୍ଚିମେ ମମ   ଅନଂତ ଗଗନେ,
ଆସିଲଇଁ ଯହୁଁ ମୁହିଁ,   ଚଉପାଶେ ମମ,
ଊର୍ଦ୍ଧ୍ୱେ ମାତେ ଘେରି ମମ   ବିଶାଳ ସରଣୀ,
କେତେ ମହା ମହା ସୂର୍ଯ୍ୟ,   ବଳି ଏ ବିଗ୍ରହେ;
ଅଶେଷ ଭୁବନମାଳା   ସୃଷ୍ଟି ପରଂପରା
ସୃଜି ଏକେ ଏକେ   କମ୍ର କ୍ରୀଡ଼ନକ ସରି,
କାଟଂତି ସରଣୀ କାହିଁ   କେଉଁ ମହା ପଥେ
କି ସଂଖ୍ୟାରେ କରିବି ମୁଁ   ଅନଂତ ଗଣନା ?

ଗୁଂଫିତ ବିଶଂତି କେତେ   ନକ୍ଷତ୍ର ମଂଡଳେ,
ଅସୀମ ଏ ଧ୍ୱାଂତ-ବ୍ୟୋମ-   ମହା-ଶୂନ୍ୟ-ଦେଶେ ।
କାହିଁ ବା କଳନା ତା'ର ?   କେ ପାରିବ ଲେଖି ?
ବିଧାତାର ସୃଷ୍ଟି ଏହୁ !   କାହିଁ ସୀମା ତହିଁ ?
ଅଶେଷ ସ୍ୱୟଂଭୂକୁଳ   ଅଶେଷ ମହିମା
ବିସ୍ତାରି ଅନଂତ ବର୍ତ୍ମେ,   ଅଶେଷ ଭୁବନ
କରଂତି ଶାସନ, ଧରି   ବିଶ୍ୱ ବିଘୂର୍ଣ୍ଣନେ
ମହା ଦୃଢ଼ୈକ୍ୟ; କାହିଁ ତା'ର   ଆଦି-ଅଂତ-ଲେଖା ?
ଦେଶ-କାଳ ପରିମାଣେ   ଅନଂତ ସରବେ
ଅନଂତ ରହସ୍ୟମୟ,   ଅଦ୍ଭୁତ ବିଭବ !

ସୂର୍ଯ୍ୟେ ସୂର୍ଯ୍ୟେ ଆଂଭିର ଏ   କ୍ଷୀଣ ଗୀତ-କଳା
ଶୁଭଇ, ଗୁଂଜନ ଯଥା   ମଧୁ ଚକ୍ର ଘେରି,
ବିଶ୍ୱପିତା ସିଂହାସନେ   ଘେରି ଚଉପାଶେ ।
ସେହି ସିଂହାସନେ ବିଶ୍ୱ-   ନିୟନ୍ତ୍ରଣ-ମନ୍ତ୍ର,
ସେହି ସେ ଶାସନ,   ବଳି ସର୍ବତ୍ର-ଶାସନେ
ଉଲ୍‌କା-ଧୂମକେତୁ-ଗ୍ରହ-   ପ୍ରାଂଶୁ-ପରଂପରା;
ସେହି ସିଂହାସନେ ଶୋହେ   ଅମୃତ ବିତାନେ,
ମହା ସତ୍ୟେ ସୃଜି ମହା   ଜୀବନର ଲୀଳା,
ସେ ବିଶ୍ୱ ଜୀବନ, ଯାହା   ବିଶ୍ୱ ରଂଧ୍ରେ ରଂଧ୍ରେ,
ଜ୍ଞାନ ବିଜ୍ଞାନର ପାରେ,   ବଚନ-ମାନସ-
ଶକତି-ବିସ୍ତାର ଏହି,   କାହିଁ କେଉଁ ଦେଶେ ?"

"ବୁଡ଼ି ଏ ସଂଗୀତ ରସେ   ପରାଣ-ପୁଲକେ
ଅଲକ୍ଷେ ହୃଦୟୁ ଭେଦି   ବାହାରିଲା ବାଣୀ ।
କହିଲି ମୁଁ, "ମହାପ୍ରଭୋ,   କିବା ଏ ମାନବ ?
କିପାଇଁ ମମତା ତବ   ଏ ମାନବ-ଲୋକେ ?
ଧର୍ମଗ୍ଳାନି ଦେଖି କିପାଁ   ଅବତରି ଏଥି,
ମାନବ ବିଗ୍ରହ ଧରି,   ଆତ୍ମ-ବିସ୍ତାରଣେ
କର ପ୍ରଭୋ, ଆଦର ଏ   କ୍ଷୁଦ୍ର ନର-କର୍ମେ ?"

ଶୁହୁଁ ପ୍ରକାଶିଲା ଭେଦି   ବ୍ରହ୍ମାଂଡ କପାଳ
ବଜ୍ରନାଦୀ ମହାଘୋଷ,   "କହ ଚେତେ ନର,

ମହାଦେଶ, ମହାକାଳ !   କି ଅବା ସେ ମୋତେ ?
ମଣ୍ଡୁ ଭୂ ବିରାଟ-ଭୃଂଗ-   ମହା-ଜଡ଼-କାୟା,
କର୍ମ-ମାନ-କାଳର ଏ   ବିସ୍ତୀର୍ଣ୍ଣ ବିକାଶେ
ମାପିବାରେ ବ୍ରହ୍ମ ଜ୍ୟୋତି,   ଚିନ୍ମୟ ବିକାଶ-
ଆତ୍ମାର ସେ ମହାସତ୍ତ୍ୱ !   ସର୍ବଭୂନିଚୟ,
ବିଶାଳ ଏ ସର୍ଗ ରାଶି,   କଳିବେ କି କେବେ
ଶକତ ଗରିମା ମର୍ମ !   କଳ୍ପାଂତେ କଳ୍ପାଂତ
ମିଶି, ଗାଇବେ କି ତଳେ   ସେ ମହିମା ରାଶି
ନରସମ ! ଚିଦାନଂଦ   ଦେଇଛି ମୁଁ ଯହିଁ
କଳିବାରେ ଗାଇବାରେ   ସେ ମହା ସଂପଦ !
ବିଶ୍ୱ-ଜଡ଼-ସୃଷ୍ଟି-ମାଳା   ଅନଂତ ଏ କାଳେ
ବୁଝିବେ କି ଅର୍ଥ ତାର,   ଗଂଭୀର ନିସୃତ,
ବ୍ରହ୍ମାଂଡ-କପାଳ-ମହାଗୀତେ ବାଜେ ଯାହା ?"

କହିଲି ମୁଁ, "ଦେବ-ଦେବ, ଅନାଦି ଅନନ୍ତ,
ଉଚ୍ଚାରଣେ ଯୁକ୍ତ ଯେବେ ମାନବ-ଭାରତୀ,
ତୁମ୍ଭରି ସେ ! ତବ କରେ, ବ୍ରହ୍ମାଣ୍ଡ-ବିଧାତା,
ଏ ପିଣ୍ଡ ସମ୍ଭବ, ଏହି ଆତ୍ମା-ଜ୍ୟୋତି-ରେଖା !
ତବ ପ୍ରାଣୀ ଏ ମାନବ ! କି ହୀନ କଣିକା
ଜାଣେ ନର ତବ କୃତି- ବିଚିତ୍ର ବିଧାନେ !
ଦେଖାନ୍ତା କି ଭୂମା ତବ ଅନନ୍ତ ଆଲୋକ !

ଶୁଣନ୍ତା କି ବଜ୍ରନାଦ ସେ ଗର୍ଜନ ତବ !
ନିମିଷେ ଯାଆନ୍ତା କାହିଁ ଲୁପ୍ତ ସେ ଆଲୋକ,
ସ୍ପନ୍ଦ-କମ୍ପନ-ଲୀଳା, ଚକ୍ଷୁକର୍ଣ୍ଣ-କଳା,
କ୍ଷୁଦ୍ର-ନର-ଦର୍ପ-ଲିଙ୍ଗ, ସେ ହୀନ ଗରିମା !
ତପନେ ଖଦ୍ୟୋତ ଯଥା ବିନ୍ଦୁ ପାରାବାରେ !
ତବ ମହାସତ୍ତ୍ୱ, ତବ ମହା ବ୍ରହ୍ମ-ଜ୍ୟୋତି-
ଆସ୍ତରଣେ କ୍ରୀଡ଼ନକ ଏ ମାନବ, ଦେବ !
ଜୀବନ, ଚଳନ କ୍ଷୁଦ୍ର- ବିଗ୍ରହ-ଧାରଣେ
ମୂଳାଧାର ତୁମ୍ଭେ ପ୍ରଭୁ ! ହୀନ ଏ ପର୍ଯ୍ୟନ୍ତ
ଲଭି, ସୀମାବନ୍ତ ନର ଗାଇବ କି, ଭୂମା,

କୋଟି-ବିଶ୍ୱ-ରେଣୁ-ରେଖ ସେ ମହା ବିଭୂତି,
ଅନନ୍ତ ମହିମା ତବ, ନାମ-ରୂପ-ହୀନ,
କଳ୍ପନାର ଅଗୋଚର ! ଦୁର୍ବଳ ମାନବ,
କୃତି ତବ, ଭ୍ରାନ୍ତ ତୁଳି ଧରି କ୍ଷୀଣ ହାତେ,
ଚିତ୍ରିବ ସେ ସୌନ୍ଦର୍ଯ୍ୟର ମହାଦ୍ୟୁତି ଲେଖା,
ମହିମାର ଶକତିର ଅନନ୍ତ ସନ୍ତତା,
ଅନନ୍ତ ବିଜ୍ଞାନ ମହା ଗରିମାର ଲୀଳା !
ଦୂର୍ବାଦଳ-ହିମ-ବିନ୍ଦୁ କଳିବ ହେ ବିଭୋ,
ଅନନ୍ତ ଗଗନ-ସୀମା, ବ୍ରହ୍ମାଣ୍ଡ ବିତାନ !"

ଶୁଭିଲା ଉତ୍ତର ବାଣୀ, "ବରଜ ସଂଶୟ,
ବିଚିକିତ୍ସା-ପ୍ରହେଳିକା ଭେଦ ଆତ୍ମ ତତ୍ତ୍ୱେ,
ବୁଦ୍ଧି ଜାଗରଣେ ଉଠ ଆତ୍ମ-ଉଦ୍‌ବୋଧନେ;
ଦେଖ ତବେ ବିଶ୍ୱ-କୃତି ଲୀଳା ସର୍ଗେ ମଗ୍ନ,
କ୍ଷୀଣୁ କ୍ଷୀଣତମ ଆତ୍ମା ଚିନ୍ମୟ ବିଭବେ,
ତୁଳନାର ମାନଦଣ୍ଡେ ପରାଭବେ ହେଳେ,
ମହାକାଳ-ପରମ୍ପରା ଅନନ୍ତ-ଗରବ,
ବିଶାଳ ବିତାନେ ଜଡ଼ ପିଣ୍ଡ ମହାବିଭା;
କ୍ଷୀଣ-ନର ଆତ୍ମ-ଶକ୍ତି ଚିନ୍ମୟ ଚଳନେ
ଲଙ୍ଘିପାରେ ହେଳେ କୋଟି ସବିତୃମଣ୍ଡଳ,
ଅନନ୍ତ-ବ୍ରହ୍ମାଣ୍ଡ-ମହା- ଚଳନ-ସ୍ୱରୂପ ।"

---

## କାହାକୁ ବସିଛୁ ଚାହିଁ

ପରାଣ ବାଉଳା ସତେ ଶୁଣାଇ [illegible]
କେଉଁଠି ପାଇବ ଦେଖା ବିନଶ୍ୱର ଅଛୁ ଚାହିଁ ?

କେତେମନ୍ତେ ଏ ପରାଣେ ବାନ୍ଧିଛ ଏକ ବିଧାନେ—
କହିବ ପରାଣ ଫେଇ, ତୁମ୍ଭେ ମୋର ସଖା କାହିଁ ?

କେଉଁଦେଶେ କି ବିସ୍ତାରେ ଘେରି ରହି ମହାକାଳେ,
ଏ ପିଣ୍ଡେ ରହିଛି ପୂରି ସତେ କି ପରାଣ ସାଇଁ ?

କରମେ ବିରାମେ କିଏ, ଇଙ୍ଗିତେ ଚଳାଇ ଦିଏ,
ଏ ଜୀବନ ଏ କରମ ଏ ଧିଆନ କାହାପାଇଁ ?

ଦିନ ଯାଉଅଛି ବହି, ଯାଉଛି ମୁଁ [illegible],
କାହାକୁ ବସିଛୁ ଚାହିଁ ଏ ପରାଣେ ଆଶା ବାନ୍ଧି ?

---

## ଉପାସନା *

୧

ଜ୍ଞାନମୟ ଲୋକେଶ୍ୱର ମଂଗଳ ନିଦାନ
ସର୍ବବ୍ୟାପୀ ତବାଦେଶେ ଚରାଚର ସ୍ଥିତେ
ତବ ପ୍ରୀତି-ଅର୍ଥେ ପ୍ରଭୋ ଆଚରେ ସଂଯତ
କର୍ମମୟ ପୁଣ୍ୟମୟ ସଂସାର ସଂଗ୍ରାମ ।

୨

ସର୍ବ ଅଂତର୍ଯାମୀ ଶୁଦ୍ଧ ନିରଂଜନ ବିଭୋ,
ନାହିଁ ବ୍ରଣ ନାହିଁ ସ୍ନାୟୁ ନାହିଁ ତବ ଭୌତିକ ବିଗ୍ରହ
ତ୍ରିକାଳଜ୍ଞ ଦ୍ରଷ୍ଟା ତୁଂଭେ, ସର୍ବୋପରି ଅଧିଷ୍ଠାନ ତବ;
ଅନାଦିକାରଣ ନିଜେ ନିଜରୁ ସଂଭବ ପ୍ରଭୋ,
ସନାତନ କାଳଧାରେ ତତ୍ତ୍ୱାର୍ଥ ସକଳ
ଧରିଛ ହେ ଶାଶ୍ୱତ ଶରୀରେ ।

୩

ଆକାଶେ ଜ୍ୟୋତିଷ୍କ ତୁଂଭେ, ଅଂତରୀକ୍ଷେ ବାୟୁ
ଯଜ୍ଞପୀଠେ ହୁତାଶନ, କଳସେ ପବିତ୍ର ସୋମ,
ନରଲୋକେ ବରଲୋକେ ଯଜ୍ଞେ ବ୍ୟୋମଧାମେ,
ଜଳେ ସ୍ଥଳେ ପର୍ବତେ ବା ଯଜ୍ଞ ଆଚରଣେ
ସାର ସୃଷ୍ଟିମୟ ଯାହା ସବୁ ବ୍ୟାପି
ରହିଛ ହେ ସର୍ବରୂପୀ ଭୂମା ।

୪

ଚକ୍ଷୁ ତବ ଅଟେ ବିଶ୍ୱ, ବିଶ୍ୱ ମୁଖ ତବ,
ବାହୁ ତବ ବିଶ୍ୱ, ବିଶ୍ୱପାଦ ତବ ପାଦ,
ନଂଭୁଠାରେ ଭୁଜବଳ ବିହଗେ ପକ୍ଷ ଭଳି
ଦେଇ ଦେବ ଦ୍ୟାବାଭୂମି ସୃଜିଛ ତୁଂହି ଅଦ୍ୱିତୀୟ ।

---

## * ମୂଳ ସଂସ୍କୃତ

୧

ଓଁ ତେଜୋମୟେନ ଚୈତନ୍ୟମାସ୍ଥାୟଦେବ
ମଙ୍ଗଳ୍ୟା ଭର୍ତ୍ତ୍ରା ଭୁବନାନ୍ୟେବ
ବିଭାତ୍ୟ ଲୋକସ୍ୟ ତବ ପ୍ରୀତ୍ୟର୍ଥଂ
ସଂସାରଯାତ୍ରାମନୁବର୍ତ୍ତିତ୍ୱେ ।

୨

ଓଁ ସପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣଂ
ଅସ୍ନାବିରଂ ଶୁଦ୍ଧମପାପବିଦ୍ଧଂ
କବିର୍ମନୀଷୀ ପରିଭୂଃ ସ୍ୱୟଂଭୂଃ
ଯାଥାତଥ୍ୟତୋଽର୍ଥାନ ବ୍ୟଦଧାତ୍
ଶାଶ୍ୱତୀଭ୍ୟଃ ସମାଭ୍ୟଃ ।

୩

ଓଁ ହଂସଃ ଶୁଚିଷଦ୍ ବସୁରନ୍ତରୀକ୍ଷସଦ୍
ହୋତା ବେଦିଷଦ୍ ଅତିଥିର୍ଦୁରୋଣସତ୍
ନୃଷଦ୍ ବରସଦୃତସଦ୍ ବ୍ୟୋମସଦ୍
ଅବ୍‌ଜା ଗୋଜା ଋତଜା ଅଦ୍ରିଜା ଋତଂ ବୃହତ୍ ।

୪

ଓଁ ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖଃ
ବିଶ୍ୱତୋବାହୁରୁତ ବିଶ୍ୱତସ୍ପାତ୍
ସଂବାହୁଭ୍ୟାଂଧମତି ସମ୍ପତତ୍ରୈ-
ର୍ଦ୍ୟାବାଭୂମୀଜନୟନ୍ ଦେବ ଏକଃ ।

୫

ତୁଂଭେ ଦେବ ପ୍ରକାଶିଛ ଦିଗଦିଗଂତରେ,
ତୁଂଭେ ଆଦି ତୁଂଭେ ଅଂତ,
ଜନ୍ମର କାରଣ ତୁଂଭେ ସର୍ବଭୂତେ ଜାତ,
ଚରାଚର ବିଶ୍ୱେ ଦେବ ଅଂତରାଳେ ରହି
ପ୍ରକାଶିଛ ଆହେ ବିଶ୍ୱମୁଖ ।

୬

ଅଗ୍ନି ତୁଂଭେ ବାୟୁ ତୁଂଭେ ତୁଂଭେ ହେ ଚନ୍ଦ୍ରମା
ସୂର୍ଯ୍ୟ ତୁଂଭେ, ତୁଂଭେ ଶୁଦ୍ଧ ଜଳ ଅବତାର
ସନାତନ ବ୍ରହ୍ମ ସତ୍ୟ ପ୍ରଜାପତି ଦେବ ।

୭

ଅନଳେ ସଲିଳେ ଶସ୍ୟେ ବୃକ୍ଷମଧ୍ୟେ ଅବା
ଯହିଁ ସୃଷ୍ଟି ସାରା ତବ ରୂପେ ଅଛି ଭରା,
ନମଇ ମୁଁ ଲୋକନାଥ ତବ ସେ ବିଗ୍ରହେ ।

୮

ପ୍ରାଣ ମନ ଇନ୍ଦ୍ରିୟ ସକଳ
ବ୍ୟୋମବାୟୁ ଜ୍ୟୋତି ଜଳ ଧରିତ୍ରୀ ମେଦିନୀ,
ହେତୁରୂପେ ସମସ୍ତର ବିରାଜିତ ଦେବ,
ଇଂଦ୍ର ବାୟୁ କର୍ମେ ରତ, କାଳାତଂକ ଅବିରତ,
ତବ ଭୟେ ତପେ ସୂର୍ଯ୍ୟ, ତପେ ବିଭାବସୁ ।

୯

ଜ୍ଞାନମୟ ହେ ଆତ୍ମ ପୁରୁଷ !
ଦର୍ଶନ ସ୍ପର୍ଶନ ଘ୍ରାଣ ଶ୍ରବଣ ସ୍ୱାଦନ ଜ୍ଞାନ
ଏ ଜଗତେ ତବ କର୍ମ ଦେବ,
ଈଶ୍ୱର ଅପୂର୍ବ ସ୍ଥାନ, ଆତ୍ମା ତବ ଅଧିଷ୍ଠାନ
ସର୍ବଜ୍ଞାତା ଅଟ ସର୍ବଭବ ।

---

୫

ଓଁ ଏଷ ହ ଦେବୋ ପ୍ରଦିଶୋ ନୁ ସର୍ବାଃ
ପୂର୍ବୋ ହ ଜାତଃ ସ ଉ ଗର୍ଭଅନ୍ତଃ
ସ ଏବ ଜାତଃ ସ ଜନିଷ୍ୟମାଣଃ
ପ୍ରତ୍ୟଙ୍‌ଜନାଂ ସ୍ତିଷ୍ଠତି ସର୍ବତୋମୁଖଃ ।

୬

ତଦେବାଗ୍ନିସ୍ତଦାଦିତ୍ୟସ୍ତଦ୍‌ବାୟୁସ୍ତଦୁ ଚନ୍ଦ୍ରମା ।
ତଦେବ ଶୁକ୍ରଂ ତଦ୍‌ବ୍ରହ୍ମ ତଦାପସ୍ତତ୍ ପ୍ରଜାପତି ।

୭

ଓଁ ଯୋ ଦେବୋଽଗ୍ନୌ ଯ ଅପ୍‌ସୁ ଯୋ ବିଶ୍ୱଂ
ଭୁବନମାବିବେଶ ଯ ଓଷଧୀଷୁ ଯୋ
ବନସ୍ପତିଷୁ ତସ୍ମୈ ଦେବାୟ ନମୋନମଃ ।

୮

ଓଁ ଏତସ୍ମାଜ୍‌ ଜାୟତେ ପ୍ରାଣୋ ମନଃ
ସର୍ବେନ୍ଦ୍ରିୟାଣି ଚ
ଖଂବାୟୁର୍ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ
ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ଯ୍ୟଃ
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ।

୯

ଓଁ ଏଷ ହ ଦ୍ରଷ୍ଟା ସ୍ପ୍ରଷ୍ଟା ଶ୍ରୋତା ଘ୍ରାତା
ରସୟିତା ମନ୍ତା ବୋଦ୍ଧା ବିଜ୍ଞାନାତ୍ମା ପୁରୁଷଃ
ସ ପରେଽକ୍ଷରେ ଆତ୍ମନି ସମ୍ପ୍ରତିଷ୍ଠତେ
ସ ସର୍ବଜ୍ଞଃ ସର୍ବୋ ଭବତି ।

୧୦

ଏକଜ୍ୟୋତି ରଶ୍ମିମୟ ହେ ସର୍ଗ ସନ୍ତତା
ବିଶ୍ୱରୂପ ବିଶ୍ୱପ୍ରାଣ ପରମଆଶ୍ରୟ
ସର୍ବଶକ୍ତିମୂଳାଧାର ଚୈତନ୍ୟନିଦାନ,
ସହସ୍ରରଶ୍ମି ହେ ତବ ଶତଧା ପ୍ରକଟି
ଚରାଚର ଲୋକପ୍ରାଣ ପ୍ରକାଶେ ଭୁବନେ ।

୧୧

ଅସତ୍ୟ ଏ ନରଦେହ, ସତ୍ୟରୂପୀ ତୁଂଭେ,
ନିଅ ମୋତେ ସେ ସତ୍ୟ ବିଭବେ,
ଅଂଧକାରେ ମୃତ୍ୟୁରାଜ୍ୟ ପଡ଼ିଅଛି ମୁହିଁ,
ଅମୃତ ସେ ଜ୍ୟୋତିରାଜ୍ୟ ତବ ବିନା
କେବେ କି ସଂଭବେ ?
ଦିଅ ମୋତେ ଦେଖା ଦିଅ ପ୍ରାଣର ଦେବତା,
ଶ୍ରାନ୍ତରୂପୀ କୃପା ବହ୍ନି ପ୍ରସାଦମୂଖରେ ତବ
ତାର ଏ ଅଧମେ ।

୧୨

ତୁଂଭେ ହେ ପୁରୁଷ ନାରୀ ତୁଂଭେ କୁମାର କୁମାରୀ
ବୃଦ୍ଧ ତୁଂଭେ ତୁଂଭେ ହେ ତରୁଣ,
ଜାତ ଯାହା ଏ ସଂସାରେ ଅଛି ଯାହା ଚରାଚରେ
ତୁଂଭେ ପ୍ରଭୁ ସକଳ ନିଦାନ ।
ବିଶ୍ୱମୟ ତବ ମୁଖ ଦେଖେ ମୁଁ ସତତ
ଅନାଦିକାରଣ ବିଭୋ,
ତୁଂଭଠାରୁ ପ୍ରଭବେ ଏ ନିଖିଳ ଜଗତ ।

୧୩

ଊର୍ଦ୍ଧ୍ୱ ଅଧଃ ମଧ୍ୟ ଆଦି ସ୍ଥାନ ଭେଦାଭେଦ
ନାହିଁ ଯହିଁ, ବିରାଜିତ ଅନଂତ କେବଳ,
ଅଚିଂତ୍ୟ ସେ ସ୍ଥାନ ତବ ଗୂଢ଼ ଅଧିଷ୍ଠାନ,
ମହାବ୍ୟାପୀ, ନାହିଁ ତବ ପ୍ରତିମା ଭୁବନେ ।

---

୧୦

ବିଶ୍ୱରୂପଂ ହରିଣଂ ଜାତବେଦସଂ
ପରାୟଣଂ ଜ୍ୟୋତି ରେକଂ ତପନ୍ତଂ
ସହସ୍ରରଶ୍ମିଃ ଶତଧା ବର୍ତ୍ତମାନଃ
ପ୍ରାଣଃ ପ୍ରଜାନାମୁଦୟତ୍ୟେଷ ସୂର୍ଯ୍ୟଃ ।

୧୧

ଅସତୋ ମା ସଦ୍‌ଗମୟ ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାମୃତଂ ଗମୟ ।
ଆବିରାବିର୍ମ ଏଧି ରୁଦ୍ର ଯତ୍ତେ ଦକ୍ଷିଣଂ
ମୁଖଂ ତେନ ମାଂ ପାହି ନିତ୍ୟଂ ।

୧୨

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି
ତ୍ୱଂ କୁମାର ଉତ ବା କୁମାରୀ
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବଞ୍ଚସି
ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ
ଅନାଦିମତ୍ତ୍ୱଂ ବିଭୁତ୍ୱେନ ବର୍ତ୍ତସେ
ଯତୋ ଜାତାନି ଭୁବନାନି ବିଶ୍ୱାଃ ।

୧୩

ନୈନଂ ଊର୍ଦ୍ଧ୍ୱଂ ନ ତିର୍ଯ୍ୟଞ୍ଚଂ ନ ମଧ୍ୟେ ପରିଜଗ୍ରଭତ୍
ନ ତସ୍ୟ ପ୍ରତିମା ଅସ୍ତି ଯସ୍ୟ ନାମ ମହଦ୍‌ଯଶଃ ।

୧୪

ତମୋମୟ ମରରାଜ୍ୟ ଅଜ୍ଞାତ ଜଗତେ
ତବ ସତ୍ତା, ଜ୍ୟୋତିର୍ମୟ ହେ ମହାପୁରୁଷ,
ଜ୍ଞାନ ମୋର ପରାହତ ସେ ତତ୍ତ୍ୱ ଚିଂତନେ,
ମୃତ୍ୟୁ ପାରେ ତାହା, ମୁହିଁ ମୃତ୍ୟୁର କିଂକର,
ବଂଦେ ଦେବ ଦିଅ ଜ୍ଞାନ ହେଉ ଗତି ମୋର,
ସଦ୍‌ଗତିର ପଂଥା ଆଉ ନାହିଁ ତ୍ରିଜଗତେ ।

୧୫

ଭଗବାନ ଆଦିଦେବ ପୁରାଣ-ପୁରୁଷ
ଅନଂତ-ବିଶ୍ୱଭୁବନ-ପରମଆଧାର,
ତୁଂଭେ ଜ୍ଞାନ ଜ୍ଞେୟ ତୁଂଭେ ଶ୍ରେଷ୍ଠ ଅଧିଷ୍ଠାନ
ଭବେ,
ସୃଷ୍ଟି ସାରା ବ୍ୟାପ୍ତ ତବ ଅନଂତ ବିଗ୍ରହ ।

୧୬

ବରୁଣ ଶଶାଂକ ବାୟୁ ଅଗ୍ନି ଯମ ତୁଂଭେ
ପ୍ରଜାପତି ହେ ପରମପିତା,
ନମେ ମୁହିଁ ଭକ୍ତିଭରେ ଶତ ଶତ ବାର,
ନମେ ପୁଣି ବାର ବାର ହେ ଆଦିଦେବତା,
ନମେ ପଛେ ନମେ ଆଗେ ନମେ ସର୍ବ ଦିଗଭାଗେ,
ତାର ମୋତେ ମହାପ୍ରଭୁ ହେ ଅନଂତ-ବୀର୍ଯ୍ୟ
ପରମ ଚରମ ସର୍ବ ଆଦିଦେବ ବର୍ଯ୍ୟ ।

୧୭

ନମୋ ନମୋ ସର୍ବ ଜଗତ କାରଣ,
ନମସ୍ତେ ଚୈତନ୍ୟ ତ୍ରୈଲୋକ୍ୟଧାତ,
ନମେ ସନାତନ ବ୍ରହ୍ମ ଏକତତ୍ତ୍ୱ
ନମୋ ସର୍ବବ୍ୟାପି ନମସ୍ତେ ଶାଶ୍ୱତ,

---

୧୪

ବେଦାହମେତଂ ପୁରୁଷଂ ମହାଂତଂ
ଆଦିତ୍ୟ ବର୍ଣ୍ଣଂ ତମସଃ ପରସ୍ତାତ୍
ତମେବ ବିଦିତ୍ୱାଽତିମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।

୧୫

ଓଁ ତ୍ୱମାଦିଦେବଃ ପୁରୁଷଃ ପୁରାଣଃ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନଂ
ବେତ୍ତାସି ବେଦ୍ୟଞ୍ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତରୂପ ।

୧୬

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁ ତେ ସର୍ବତ ଏବ ସର୍ବ
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।

୧୭

ଓଁ ନମସ୍ତେ ସତେ ତେ ଜଗତ୍‌କାରଣାୟ
ନମସ୍ତେ ଚିତେ ସର୍ବଲୋକାଶ୍ରୟାୟ ।
ନମୋଽଦ୍ୱୈତତତ୍ତ୍ୱାୟ ମୁକ୍ତିପ୍ରଦାୟ
ନମୋ ବ୍ରହ୍ମଣେ ବ୍ୟାପିନେ ଶାଶ୍ୱତାୟ ।

ମୁକତିର ଗତି ନମଇ ବିଶ୍ୱେ !
ନଶ୍ୱର ଜଗତେ ତୁଂଭେ ହେ ଶରଣ
ବରଣୀୟ ଦେବ ଜଗତ କାରଣ,
ସକଳ ପ୍ରକାଶି ନିଜର ପ୍ରକାଶ
ତୁଂଭ ଯୋଗୁଁ ଦେବ, ସର୍ଗ ସ୍ଥିତି ନାଶ,
ଅଗତିର ଗତି ନାହିଁ ତୁଂଭ ଗତି,
ଏକରୂପ ଦେବ ନାହିଁ ହେ ବିକୃତି,
ବିକୃତିର ହେତୁ ଅଟ ହେ ପ୍ରଭୋ ।
ଯେତେ ଭୟଂକର ଅଛି ଏହି ଭବେ
ତବ ଭୀମରୂପେ ନମଂତି ସରବେ,
ତଥାପି ହେ ତୁଂଭେ ସକଳର ଗତି,
ପବନ ସରବେ ଲଭି ତବ ଶକ୍ତି,
ତୁଂଭେ ଏକା ସିନା ଜଗତକରତା,
ତୁଂଭେ ଏକା ବଜ୍ର-ପଦର ନିୟଂତା,
ଯେତେ ଶ୍ରେଷ୍ଠ ତାର ଶ୍ରେଷ୍ଠତମ ତୁଂଭେ,
ରକ୍ଷକମାନଂକ ରକ୍ଷକ ଏ ଭବେ,
ତବ ବିନା ଦେବ, କାହିଁ ହେ ଗତି ?

ପ୍ରଭୁ ଲୋକନାଥ ସର୍ବରୂପ ଧର,
ଅବ୍ୟୟ ଅକ୍ଷୟ ରହିଛ ହେ ପୂରି
ସର୍ବ ଘଟେ, କିଂତୁ କେହି ତବ ସତ୍ତ୍ୱ
ନିର୍ଦ୍ଦେଶ କରିବ ନାହିଁ ହେ କ୍ଷମତା,
ଇଂଦ୍ରିୟ ଅଗୋଚ ଅଚିଂତ୍ୟ ହେ ସତ୍ୟ
ବ୍ୟକ୍ତ କର ଦେବ ଅନଂତ ଜଗତ,
ସର୍ବବ୍ୟାପି, ନୁହ ନରେ ବ୍ୟକ୍ତତତ୍ତ୍ୱ,
ମାୟାମୋହେ ବିଶ୍ୱେ ଜଡ଼ିତ ସତତ,
ତାର ମୋତେ ମୁହିଁ ବିମୂଢ଼ମତି ।
ଦିଅ ମୋତେ ବର ତୁଂଭରି ଭଜନେ,
ଯାଉ ଏ ଜୀବନ ତୁଂଭରି ସ୍ମରଣେ,
ଜଗତର ସାକ୍ଷୀ ଜଗତକରତା
ନମେ ଅନୁଦିନ ପ୍ରାଣର ଦେବତା,
ଏକା ତୁଂଭେ ବିଶ୍ୱ ଅବଲଂବସାର,
ନାହିଁ କିଂତୁ ତବ ଆଶ୍ରୟ ଆଧାର ।
ଭବପାରାବାରେ ଏକା କର୍ଣ୍ଣଧାର,
ଆଶ୍ରାଦିଅ ଦେବ ଦିଅ ସୁଗତି ।

---

ତ୍ୱମେକଂ ଶରଣ୍ୟଂ ତ୍ୱମେକଂ ବରେଣ୍ୟଂ
ତ୍ୱମେକଂ ଜଗତ୍କାରଣଂ ସ୍ୱପ୍ରକାଶଂ
ତ୍ୱମେକଂ ଜଗତ୍ପାତୃକର୍ତ୍ତୃପ୍ରହର୍ତ୍ତୃ
ତ୍ୱମେକଂ ପରଂ ନିଶ୍ଚଳଂ ନିର୍ବିକଳ୍ପଂ ।
ଭୟାନାଂ ଭୟଂ ଭୀଷଣଂ ଭୀଷଣାନାଂ
ଗତିଃ ପ୍ରାଣିନାଂ ପାବନଂ ପାବନାନାଂ
ମହୋଚ୍ଚୈଃ ପଦାନାଂ ନିୟନ୍ତୃ ତ୍ୱମେକଂ
ପରେଷାଂ ପରଂ ରକ୍ଷଣଂ ରକ୍ଷଣାନାଂ ।

ପରେଶ ପ୍ରଭୋ ସର୍ବରୂପାବିନାଶିନ୍
ଅନିର୍ଦ୍ଦେଶ୍ୟ ସର୍ବେନ୍ଦ୍ରିୟାଗମ୍ୟ ସତ୍ୟ
ଅଚିନ୍ତ୍ୟାକ୍ଷର ବ୍ୟାପକାବ୍ୟକ୍ତତତ୍ତ୍ୱ
ଜଗଦ୍ଭାସକାଧୀଶ ପାୟାଦପାୟାତ୍ ।
ବୟଂ ତ୍ୱାଂ ସ୍ମରାମଃ ବୟଂ ତ୍ୱାଂ ଭଜାମଃ
ବୟଂ ତ୍ୱାଂ ଜଗତ୍ସାକ୍ଷିରୂପଂ ନମାମଃ
ସଦେକଂ ନିଧାନଂ ନିରାଲମ୍ବମୀଶଂ
ଭବାମ୍ଭୋଧିପୋତଂ ଶରଣ୍ୟଂ ବ୍ରଜାମଃ ।

୧୮

ଧ୍ୟାନ କରୁଁ ସର୍ବବ୍ୟାପୀ ସେ ମଙ୍ଗଳମୟ
ସର୍ବଲୋକ ପ୍ରକାଶକ ଜଗତ ନିଦାନ
ସର୍ବଲୋକ ପ୍ରସବିତା ବୁଦ୍ଧିର ଅଗମ୍ୟ
ଜ୍ଞାନବୁଦ୍ଧି ସକଳର ପ୍ରେରକ ନିୟଂତା
ମହିମାମୟ ଜ୍ଞାନ ତାଂକ ବରଣୀୟ ଶକ୍ତି
ଧ୍ୟାନ କରୁଁ ଅବିରତ ସେ ବିଶ୍ୱବିଧାତା ।

୧୯

ଯାଉ ଦେବ, ତବ କୃପାବଳେ
ଅଜ୍ଞାନ ଅଂଧାର ମୋର
ନ ରହୁ ହେ ଦିବା ରାତ୍ରି ସଦ୍‌ସଦ୍ ଭେଦ
ପରମ ମଂଗଳମୟ ଦିଶୁ ସବୁ ଭବେ
ଜ୍ଞାନର ଆଧାର ତୁଂଭେ ସଦା ଏ ଜଗତେ
ସବିତା ପୂଜିତ ଦେବ ଆହେ ନିର୍ବିକଳ୍ପ ।

୨୦

ସର୍ବଦେବ ଶକ୍ତି ଦେହୁ ସର୍ବଦେବ ପିତା
ବିଶ୍ୱରାଜ ସ୍ୱାମିରୂପୀ ହେ ସର୍ବଜ୍ଞାତା,
ଆବିର୍ଭୂତ ଯାହା ଭବେ ତୁଂଭ ସୃଷ୍ଟି ତାହା,
ମର ଦେବହେ ଦିବ୍ୟବୁଦ୍ଧି ଦିଅ ମୋତେ ହିତେ ।

୨୧

ଏକରୂପ ବର୍ଣ୍ଣହୀନ-ବ୍ରହ୍ମାଂଡ କାରଣ
ଶକ୍ତିବଳେ ବହୁ ବିପ୍ରସ୍ତୁତ
ଆପ୍ତକାମ ହୀନସ୍ୱାର୍ଥ ବହୁରୂପମୟ,
ସୃଷ୍ଟି ଆଦ୍ୟେ ସାରାବିଶ୍ୱ ତୁଂଭ ଦେହୁ ଜାତ,
ସୃଷ୍ଟି ଅଂତେ ଲୀନ ତବ ଦେହେ,
ମରଦେବହେ ଦିବ୍ୟଜ୍ଞାନ ଦେଉ ମୋର ହିତେ ।

---

୧୮

ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋ
ଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍ ।

୧୯

ଯଦା ତମସ୍ତନ୍ନ ଦିବା ନ ରାତ୍ରି-
ର୍ନସନ୍ନ ଚାସଚ୍ଛିବ ଏବ କେବଳଃ
ତଦକ୍ଷରଂ ତତ୍ସବିତୁର୍ବରେଣ୍ୟଂ
ପ୍ରଜ୍ଞା ଚ ତସ୍ମାତ୍ପ୍ରସୃତା ପୁରାଣୀ ।

୨୦

ଯୋ ଦେବା ନାଂ ପ୍ରଭବଶ୍ଚୋ ଭବଶ୍ଚ
ବିଶ୍ୱାଧିପୋ ରୁଦ୍ରୋ ମହର୍ଷିଃ
ହିରଣ୍ୟଗର୍ଭଂ ଜନୟାମାସ ପୂର୍ବଂ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ।

୨୧

ଯ ଏକୋଽବର୍ଣ୍ଣୋ ବହୁଧା ଶକ୍ତି ଯୋଗାତ୍
ବର୍ଣ୍ଣାନନେକାନ୍ ନିହିତାର୍ଥୋ ଦଧାତି
ବିଚୈତି ଚାନ୍ତେ ବିଶ୍ୱମାଦୌ ସ ଦେବଃ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ।

୨୨

ସର୍ବେ ଭବେ ହୁଅନ୍ତୁ ହେ ସୁଖୀ,
ନିରାମୟ ହୁଅନ୍ତୁ ସରବେ,
ସର୍ବେ ଦିବ୍ୟଜ୍ଞାନେ ଶୁଭ ଦେଖନ୍ତୁ ଜଗତେ,
ଦୁଃଖଭାଗୀ କେହି ନୋହୁ ଲବେ ।

୨୩

ତବ କୃପାବଳେ ଶୁଭ ହେଉ ଦିବସ୍ପତି
ପ୍ରାଣେ ମୋର ଅଧିଷ୍ଠାନ ଯାର
ଅପାନଦେବତା ଶୁଭ ହୁଅନ୍ତୁ ବରୁଣ
ଦିବ୍ୟ ହେଉ ନେତ୍ର ବପୁ ବଳ ।

ନମେ ବ୍ରହ୍ମ ନମେ ସତ୍ୟ ବ୍ରହ୍ମରୂପୀ ବାୟୋ
ପ୍ରତ୍ୟକ୍ଷ ବ୍ରହ୍ମ ହେ ସର୍ବବ୍ୟାପୀ ପ୍ରାଣମୟ,
ତୁମ୍ଭଙ୍କୁ କହିବ ଭବେ ପ୍ରତ୍ୟକ୍ଷ ହେ ଭୂମା
ଯଥାର୍ଥ କହିବ, ସତ୍ୟ କହିବ ସର୍ବଦା,
ରକ୍ଷାକର ମୋତେ ରକ୍ଷା କର ଭକ୍ତେ ତବ,
ତବ ଭକ୍ତ ଏ ସଂସାରେ ନ ପଡ଼ୁ ପାତକେ,
ଦିବ୍ୟ ଶାନ୍ତି ସୁଧା ବର୍ଷୁ ଏ ବିଶ୍ୱମଣ୍ଡଳେ,

ଶାନ୍ତିରେ ରହନ୍ତୁ ସର୍ବେ,
ଶାନ୍ତି ହେ ଭୁଞ୍ଜନ୍ତୁ ଭବେ,
ଶାନ୍ତି ଶାନ୍ତି ଶାନ୍ତିରେ ଏ ଯାଉ ମୋ ଜୀବନ ।

---

୨୨

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାକ୍ ଭବେତ୍ ।

୨୩

ଓଁ ଶଂ ନୋ ମିତ୍ରଃ ଶଂ ବରୁଣଃ
ଶଂ ନୋ ଭବତ୍ୱର୍ଯ୍ୟମା
ଶ ନ ଇନ୍ଦ୍ରୋ ବୃହସ୍ପତି
ଶଂ ନୋ ବିଷ୍ଣୁରୁରୁକ୍ରମଃ ।

ନମୋ ବ୍ରହ୍ମଣେ । ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମବଦିଷ୍ୟାମି । ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ । ତଦ୍‌ବକ୍ତାରମବତୁ । ଅବତୁମାଂ ଅବତୁ ବକ୍ତାରଂ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।